

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୪ ଭୁବନେଶ୍ୱର ରବିବାର, ଜାନୁୟାରୀ ୨୬.୨୦୨୫ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/- | Vol.11 . No.134 Bhubaneswar, Sunday, January 26, 2025





# ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର: ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫/୧: ୭୬ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରେ?ପଦୀ ମୁର୍ମୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ର ଦିବସ ଅବସରରେ ମୁଁ ଆପଣଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ୭୫ବର୍ଷ ପୂର୍ବେ, ୨୬ ଜାନୁଆରୀରେ, ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଆଜି ଆମେ ପ୍ରଥମେ ଦେଶ ନିର୍ମାଣରେ ନିଜର ପଦଚିହ୍ନ ଛାଡ଼ିଥିବା ମହାମନିଷୀଙ୍କୁ ସ୍ମରଣ କରିବା ଉଚିତ୍। ଯେଉଁମାନେ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ବଳିଦାନ ଦେଇଥିଲେ। ଆମେ ଚଳିତ ବର୍ଷ ଭଗବାନ୍ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଛୁ। ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିନିଧୀ ଭାବରେ ଛିଡା ହୋଇଛନ୍ତି ଯାହାର ଜାତୀୟ ଇତିହାସରେ ଭୂମିକା ବର୍ତ୍ତମାନ ସତ୍ୟରେ ସ୍ୱୀକୃତିପ୍ରାପ୍ତ। ବିଂଶ



ଶତାବ୍ଦୀର ପ୍ରାରମ୍ଭରେ, ସେମାନଙ୍କର ସଂଘର୍ଷ ଏକ ସଂଗଠିତ ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ ଏକୀଭୂତ ହୋଇଥିଲା। ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ ତତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ଶିଖିବାକୁ ଆସିଥିଲୁ। ସେମାନେ ସର୍ବଦା ଆମର ସଭ୍ୟତା ଐତିହ୍ୟର ଅଂଶ ହୋଇଆସୁଛନ୍ତି।ରାଷ୍ଟ୍ରପତି କହିଛନ୍ତି, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ କେବଳ ତତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ପରିଚିତ କରିଛୁ। ଏହି ଜୀବନ ମୂଲ୍ୟ ସବୁବେଳେ ଆମର ସଭ୍ୟତା ଏବଂ ସଂସ୍କୃତିର ଏକ ଅଂଶ ହୋଇଆସିଛି।ଭାରତର ଗଣତନ୍ତ୍ର ମୂଲ୍ୟ ପ୍ରତିଫଳନ ଆମର ସମ୍ବିଧାନ ରଚନାରେ ମଧ୍ୟ ଦୃଶ୍ୟମାନ ହେଉଛି। ସେଥିରେ ସମସ୍ତ ବର୍ଗଙ୍କର ପ୍ରତିନିଧିତ୍ୱ ରହିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କେ?ର, ସୁଚେତ?ା କ୍ରିପାଲିନି, ହଂସାବେନ୍ ମେହେଟ୍ଟା ଏବଂ ମାଳତୀ ଚୌଧୁରୀଙ୍କ ପରି ୧୫ ଜଣ ଅସାଧାରଣ ମହିଳା ମଧ୍ୟ ସାମିଲ ହୋଇଥିଲେ। ଏଥିରୁ ସ୍ପଷ୍ଟ ଯେ, ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର। ରାଷ୍ଟ୍ରପତି କହିଛନ୍ତି ଯେ, ଭାରତର କୃଷକମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭରଶୀଳ କରିଛନ୍ତି। ସେ କହିଛନ୍ତି, 'ଆମର କୃଷକ ଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରିଥିଲେ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମ ଦେଶକୁ ଆତ୍ମନିର୍ଭରଶୀଳ କରିଥିଲେ। ଆମର ଶ୍ରମିକ ଭାଇ ଓ ଭଉଣୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ ଏବଂ ଆମର ଭିତ୍ତିଭୂମି ତଥା ଉତ୍ପାଦନ କ୍ଷେତ୍ରକୁ ନବୀକରଣ କରିଥିଲେ। ସେମାନଙ୍କର ଉଜ୍ଜ୍ୱଳ ପ୍ରଦର୍ଶନର ଶକ୍ତି ଉପରେ ଆଜି ଭାରତୀୟ ଅର୍ଥନୀତି ବିଶ୍ୱର ଆର୍ଥିକ ଦୃଶ୍ୟକୁ ପ୍ରଭାବିତ କରୁଛି। ରାଷ୍ଟ୍ରପତି କହିଛନ୍ତି, ଭାରତର ଆର୍ଥିକ ଅଭିବୃଦ୍ଧି ହାର ଆକାଶଛୁଆଁ ହେଉଛି। ସେ କହିଛନ୍ତି, ନିକଟ ଅତୀତରେ ଅର୍ଥନୈତିକ ଅଭିବୃଦ୍ଧି ହାର କ୍ରମାଗତ ଭାବରେ ଅଧିକ ରହିଆସିଛି, ଯାହା ଆମ ଯୁବବର୍ଗମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି। କୃଷକ ଏବଂ ଶ୍ରମିକଙ୍କ ହାତରେ ଅଧିକ ଟଙ୍କା ଦେଇଛି ଏବଂ ବହୁ ସଂଖ୍ୟକ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତି ଦେଇଛି। ଦେଶରେ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୈତିକ ସଂସ୍କାର ଜାରି ରହିଛି। ରାଷ୍ଟ୍ରପତି ଦେଶକୁ ଦେଇଥିବା ସମ୍ବୋଧନରେ ଡିଜିଟାଲ୍ ଦେୟ ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, "ଏକାଧିକ ଡିଜିଟାଲ ପେମେଣ୍ଟ ବିକଳ୍ପ ସହିତ ସିଧାସଳଖ ଲାଭ ସ୍ଥାନାନ୍ତରଣ ପ୍ରଣାଳୀ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିଛି, ଯାହାକି ବହୁ ସଂଖ୍ୟକ ଲୋକଙ୍କୁ ଆନୁଷ୍ଠାନିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦେଇଛି।

---

ସାଧାରଣତନ୍ତ୍ର ଦିବସ ଅବସରରେ 'ଜଗନ୍ନାଥ ଏକ୍ସପ୍ରେସ୍'ର ଅଗଣିତ ପାଠକ/ ପାଠିକା, ଲେଖକ/ ଲେଖିକା, ବିଜ୍ଞାପନଦାତା, ବିତରକ, ଶୁଭେଚ୍ଛୁ, ସାମ୍ବାଦିକ ଓ ଏଜେଣ୍ଟ ବନ୍ଧୁମାନଙ୍କୁ ଅଭିନନ୍ଦନ।

-ସମ୍ପାଦକ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ତାରିଖ 'ଜଗନ୍ନାଥ ଏକ୍ସପ୍ରେସ୍' କାର୍ଯ୍ୟାଳୟ ଓ ପ୍ରେସ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ।

-ପ୍ରକାଶକ

---

## ଦିଲ୍ଲୀ କର୍ତ୍ତବ୍ୟପଥ ପରେଡ୍‌ରେ ସାମିଲ ହେବ ୩୦ ପ୍ରଜ୍ଞାପନ ମେଢ଼



ନୂଆଦିଲ୍ଲୀ,୨୫/୧:ଆସନ୍ତା ୨୬ରେ ଦେଶବ୍ୟାପୀ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀସ୍ଥ କର୍ତ୍ତବ୍ୟପଥରେ ଭବ୍ୟ ପରେଡ ମଧ୍ୟ ଆୟୋଜନ କରାଯିବ। ଚଳିତବର୍ଷ ପରେଡରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ମନ୍ତ୍ରଣାଳୟର ମୋଟ ୩୦ଟି ପ୍ରଜ୍ଞାପନ ମେଢ ଅଂଶଗ୍ରହଣ କରୁଥିବା ଜଣାପଡିଛି। ଏଥିମଧ୍ୟରୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୧୫ଟି ଏବଂ ମନ୍ତ୍ରଣାଳୟର ୧୫ଟି ମେଢ ଅନ୍ତର୍ଭୁକ୍ତ। ଏହି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ହେଲା ଆନ୍ଧ୍ର ପ୍ରଦେଶ, ବିହାର, ଗୋଆ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଚଣ୍ଡିଗଡ଼, ଦାଦ୍ରା ନଗର ହାଭେଳି ଓ ଡାମନ ଡିଉ। ପ୍ରଜ୍ଞାପନ ମେଢର ସମ୍ମୁଖ ଭାଗ ହିନ୍ଦୀରେ, ପଛପଟ ଇଂରାଜୀ ଏବଂ ପାର୍ଶ୍ୱରେ ଆଞ୍ଚଳିକ ଭାଷାରେ ସଂପୃକ୍ତ ନାମଫଳକ ଲେଖାଯିବ। ଯେଉଁ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପ୍ରଜ୍ଞାପନ ମେଢ ତାଲିକା ପାଇଁ ମନୋନୀତ ହୋଇନାହାନ୍ତି, ସେମାନେ ୨୬ରୁ ୩୧ ପର୍ଯ୍ୟନ୍ତ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା 'ଭାରତ ପର୍ବ'ରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ପ୍ରଜ୍ଞାପନ ମେଢରେ ଲୋଗୋ କିମ୍ବା ଲେଖାକୁ ବାରଣ କରାଯାଇଥିବାବେଳେ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ସଂଗଠନଗୁଡିକ ସେମାନଙ୍କର ପ୍ରଜ୍ଞାପନ ମେଢରେ ଭର୍ଚୁଆଲ ରିଏଲିଟି ଡିଜାଇନ ପାଇଁ ସିଡି/ଡିଭିଡି ବ୍ୟବହାର କରିପାରିବେ।

---

## ୨୦୨୫ ପାଇଁ ଘୋଷଣା ହେଲା ସମ୍ମାନଜନକ ପଦ୍ମ ପୁରସ୍କାର : ଓଡ଼ିଶାରୁ ୪ ଜଣ ପାଇବେ ପଦ୍ମଶ୍ରୀ ସମ୍ମାନ

ନୂଆଦିଲ୍ଲୀ ,୨୫/୧: ଘୋଷଣା ହୋଇଛି ସମ୍ମାନଜନକ ପଦ୍ମ ପୁରସ୍କାର। ସାଧାରଣତନ୍ତ୍ର ଦିବସ ପୂର୍ବ ସଂଧ୍ୟାରେ କେନ୍ଦ୍ର ସରକାର ସମ୍ମାନଜନକ ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି । ୨୦୨୫ ବର୍ଷ ପାଇଁ ୭ ଜଣ ପଦ୍ମ ବିଭୂଷଣ ପାଇଥିବାବେଳେ ୧୯ ଜଣ ପଦ୍ମ ଭୂଷଣ, ୧୧୩ ଜଣ ପଦ୍ମ ପୁରସ୍କାର ପାଇବେ। ସେହିପରି ପୁରସ୍କାର ତାଲିକାରେ ୨୩ ଜଣ ମହିଳା ସ୍ଥାନ ପାଇଥିବା ବେଳେ ୧୦ ଜଣ ବିଦେଶୀ ଏବଂ ୧୩ଟି ମରୋଣତ୍ତର ରହିଛି। ୨୦୨୫ ପାଇଁ ଓଡ଼ିଶାରୁ ୪ ଜଣ ପାଇବେ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ। ପଦ୍ମଶ୍ରୀ ପାଇଥିବା ୪ ଜଣ ଓଡ଼ିଆଙ୍କ ମଧ୍ୟରେ ମେଡିସିନ୍ କ୍ଷେତ୍ରରେ ଡାକ୍ତର ଅଶୋକ ମହାପାତ୍ର, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀ, କଳାରେ ଦୁର୍ଗା ଚରଣ ରଣବୀର ଓ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଗଡ଼ନାୟକ। ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ମଧ୍ୟରୁ ଅନ୍ୟତମ । ୧୯୫୪ ମସିହାରୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ । କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ ଏବଂ ସାମାଜିକ କାର୍ଯ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ ।

---

## ରାଜ୍ୟ ସ୍ତରୀୟ ଜାତୀୟ ମତଦାତା ଦିବସ

ଭୁବନେଶ୍ୱର,୨୫/୧: ୧୫ ତମ ଜାତୀୟ ମତଦାତା ଦିବସ ପାଳନର ରାଜ୍ୟସ୍ତରୀୟ ସମାରୋହ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମହାସମାରୋହରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇଥିଲେ । ମତଦାତା ସଚେତନତା ଓ ଭାରତକୁ ଏକ ସୁଦୃଢ ଗଣତନ୍ତ୍ର ରୂପେ ବଜାୟ ରଖିବା ଦିଗରେ ପ୍ରେରିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଆନୁକୂଲ୍ୟରେ ଆଜି ରାଜ୍ୟ ସ୍ତରୀୟ ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇବା ସହ ସଭାକୁ ସମ୍ବୋଧନ କରିଥିଲେ । ଏହି ଅବସରରେ ନିଜର ମତ ରଖି ମତଦାନକୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଦାୟିତ୍ୱ ରୂପେ ଅଭିହିତ କରିଥିଲେ । ଭାରତ ସର୍ବବୃହତ ଗଣତନ୍ତ୍ର ରୂପେ ସମଗ୍ର ବିଶ୍ୱରେ ଏକ ଉଦାହରଣ ଅଟେ । ଏହି ପ୍ରତିଷ୍ଠାକୁ ଅକ୍ଷୁଣ୍ଣ ରଖିବା ଦିଗରେ ନାଗରିକ ରୂପେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି । ତେଣୁ ସମସ୍ତ ମତଦାତା ସେହି ଦାୟିତ୍ୱ ପ୍ରତି ଯନିବାନ ହେବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ମତଦାତା ସଚେତନତା ସମ୍ବନ୍ଧୀୟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ଫଟୋ ପ୍ରଦର୍ଶନୀ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଶ୍ରୀ ଆର୍ ଏସ୍ ଗୋପାଳନ୍, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ବି ପରମେଶ୍ୱରନ୍, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଚଞ୍ଚଳ କୁମାର ରାଣା ଭାରତୀୟ ଗଣତନ୍ତ୍ର ଓ ସେଥିରେ ମତଦାତାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । କାର୍ଯକ୍ରମର ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଶତ୍ରୁଘ୍ନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲକ୍ଷ୍ମୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ରେ ଆଇକନ୍ ରୂପେ କାର୍ଯ୍ୟ କରି ମତଦାନ ପାଇଁ ସଚେତନତା ସୃଷ୍ଟି ପାଇଁ ଶ୍ରୀ ପ୍ରମୋଦ ଭଗତ, ଶ୍ରୀ କମଳାକାନ୍ତ ନାୟକ, ଜୟନ୍ତୀ ବେହେରା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ରତ୍ନପର୍ଣ୍ଣା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ସାଧାରଣ ନିର୍ବାଚନ-୨୦୨୪ ପାଇଁ ବିଭିନ୍ନ ଦିଗରେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବାରୁ ଖୋର୍ଦ୍ଧା, କେନ୍ଦୁଝର, ପୁରୀ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର ଆଦି ଜିଲ୍ଲାମାନଙ୍କୁ ସମ୍ମାନିତ କରାଯାଇଥିଲା ।







## କୋରାପୁଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ ଉତ୍ସବ

ଜୟପୁର : କୋରାପୁଟ ଶିକ୍ଷା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇଛି । ଦେବୀଘାଟ ଜେ.ଇ.ଏଲ୍.ସି ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର-ଛାତ୍ରୀଙ୍କୁ ଶିକ୍ଷାବର୍ଷ ୨୦୨୪-୨୫ ନିମନ୍ତେ ପୋଷାକ ସ୍ମିତା କ୍ଷେତ୍ରୀୟ ଉପସ୍ଥିତ ଥିଲା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କୋରାପୁଟ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂଉପାଧ୍ୟକ୍ଷା ସବିତା



ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମିତି ସଭ୍ୟା ମଂଜୁଳା ବାଘ, ନାଏବ ସରପଞ୍ଚ ସୁକାନ୍ତ ଶିରିକା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରଂଜନ କୁମାର ମହାନନ୍ଦିଆ, ଅଭିଭାବକ ବୃନ୍ଦ, ସହକାରୀ ଶିକ୍ଷକ ରବିନ ଚନ୍ଦ୍ର ମହାନନ୍ଦିଆ, ସରିତା ପଣ୍ଡାଙ୍କ ଉପସ୍ଥିତିରେ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।ପୁଣି ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶନ ବେନ୍ୟାଙ୍କ ଉପସ୍ଥିତିରେ ପୋଷାକ ବଣ୍ଟନ କରାଯାଇଥିବା ଜଣାପଡିଛି।

## ଅନୁଷ୍ଠାନ ପ୍ରେମୀ,ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଅନାବରଣ ଓ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର : ସମାଜ କେବେ କାହାକୁ ପାଶୋରି ଯାଏଁ ନାହିଁ।ବ୍ୟକ୍ତିର ଆବର୍ତ୍ତମାନରେ ତାର ସୁକର୍ମ ତାଙ୍କୁ ଚିରଦିନ ଅମର କରି ରଖିଥାଏ।ସେହିପରି ଜଣେ ସାହାସୀ ରାଜନୀତିଜ୍ଞ, ଦୃଢ଼ ସଂଗଠକ, କର୍ମବୀର, ଅନୁଷ୍ଠାନ ପ୍ରେମୀ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିନ୍ଧାଣି, ପୂର୍ବତନ ବିଧାୟକ ଦିବଂଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଜଳେଶ୍ୱର ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ସୋମବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତିଙ୍କ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ,ସମ୍ମାନିତ ଅତିଥି ଭାବେ ବାଲିଆପାଳ ବିଡ଼ିଓ ପୁନମ ରାଉତ, ଏସଡିପିଓ ଦିଲ୍ଲୀପ କୁମାର ସାହୁ ଯୋଗଦେଇ,ପ୍ରତିଷ୍ଠାତା ସ୍ୱର୍ଗତ ଜୟ ନାରାୟଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ ସହିତ,ଦାତା ଡ଼ା ଅତୁଲ ଚନ୍ଦ୍ର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଆୟୋଜିତ ସ୍ମୃତିଚାରଣ ସଭାରେ,ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ ।ପ୍ରଥମେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ସମବେତ ନିରବ ପ୍ରାର୍ଥନା ସହିତ, ସ୍ୱର୍ଗତ ଜୟନାରାୟଣଙ୍କୁ ମହାନ ଅନୁଷ୍ଠାନ ପ୍ରେମୀ ଓ ଅତୁଲ ବାବୁଙ୍କୁ ମହାନ ଦାତା ଭାବେ ସେ ଚିତ୍ରଣ କରିଥିଲେ। ମୁଖ୍ୟ ଅତିଥି ରୂପେ ଏସଡିପିଓ ଦିଲ୍ଲୀପ କୁମାର ସାହୁ,ମୁଖ୍ୟବକ୍ତା ରୂପେ ପୂର୍ବତନ ଅଧ୍ୟକ୍ଷ ଜ୍ୟୋସ୍ନା ରାଣୀ ଘୋଷ,ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେଶ୍ୱରୀ ପାଣିଗ୍ରାହୀ,ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ପ୍ରମୁଖ ମଞ୍ଚାସୀନ ହୋଇ ଦିବଂଗତ ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଆଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।ସେ ଜଣେ ବ୍ୟକ୍ତି ନଥିଲେ ଅନୁଷ୍ଠାନ ଥିଲେ।ନାରୀ ଶିକ୍ଷାର ପ୍ରସାର ଲାଗି ତାଙ୍କର ଅବଦାନ ଅତୁଳନୀୟ ଅଟେ। ତାଙ୍କର ବ୍ୟକ୍ତିତ୍ୱରେ ଦାମ୍ଭିକତା ଓ ପ୍ରତିବଦ୍ଧତା ପରିସ୍ଫୁଟ ହେଉଥିଲା।ଶ୍ରୀ ଜଗନ୍ନାଥ ମହିଳା ମହାବିଦ୍ୟାଳୟ ସ୍ୱର୍ଗତ ମହାନ୍ତି ଓ ଦିବଂଗତ ଡାକ୍ତର ପାତ୍ରଙ୍କ ପାଇଁ ସ୍ୱପ୍ନର ମନ୍ଦିର ସଦୃଶ ଥିଲା। ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ମଧ୍ୟରେ ଜ୍ଞାନ ରଞ୍ଜନ ଜେନା,ସୌମ୍ୟ ରଞ୍ଜନ ମହାନ୍ତି,ନିରଞ୍ଜନ ପରିଡ଼ା,ବିଜେଶ କୁମାର ସେନାପତି,ନିଷ୍ଟିଳ କୁମାର ଘଡେଇ,ଇପ୍ସିତା ଦାସ,ରଶ୍ମୀ ରେଖା ପାତ୍ର,ମୃତ୍ୟୁଞ୍ଜୟ ମଲ୍ଲିକ,ଧନଞ୍ଜୟ ଜେନା, ଆଶୋତୋଶ ପାତ୍ର,କର୍ମଚାରୀ ରଣଜିତ ରାୟ,ସମ୍ବିତ ପ୍ରଧାନ, ଗୌରୀ ବେଉରା,ସତ୍ୟଜିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଜୁନିଅର ରେଡ୍ କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜଗତସିଂପୁର : ଜଗତସିଂହପୁର ସ୍ଥାନୀୟ ଶ୍ରୀ କୃଷ୍ଣ ଏକାଡେମୀ ବିଦ୍ୟାଳୟ ପରିସରରେ ୨୯ତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡ୍ କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇ ଯାଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ , ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆର୍ନ୍ତଜାତୀକ ସ୍ୱେଚ୍ଛାସେବୀ ସଂସ୍ଥା ଜୁନିଅର ରେଡ୍ କ୍ରସ ମାଧ୍ୟମରେ ପିଲାମାନଙ୍କର ଶୃଙ୍ଖଳା ଜ୍ଞାନ ବିକାଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ସମ୍ମାନନୀୟ ଅତିଥି ଭାବରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ରାଜ୍ୟଶ୍ରୀ ସାହୁ, ପ୍ରଧାନ ଶିକ୍ଷକ ମିହିର କୁମାର ପାଲ୍ , ଜିଲ୍ଲା ଜୁନିଅର ରେଡ୍ କ୍ରସ ଅଧିକାରୀ ତ୍ରିଲୋଚନ ସାହୁ ଯୋଗଦେଇ ଦୁଇଦିନ ବ୍ୟାପୀ ଚାଲୁଥିବା ଏହି ପ୍ରଶିକ୍ଷଣର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହିତ ବିଦ୍ୟାଳୟରେ ଏହାର ଉପାଦେୟତା ସଂପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଜୁନିଅର ରେଡ୍ କ୍ରସ ସଂପାଦକ ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିବା



ବେଳେ ସାଧନ କର୍ମୀ ଚନ୍ଦନ କୁମାର ବେହେରା , ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉକ୍ତ ଦିନ ଶିବିରରେ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ଦଳଗତ ନୃତ୍ୟ, ଦଳଗତ ସଂଗୀତ ପ୍ରତିଯୋଗୀତା ହେବା ସହିତ ଜିଲ୍ଲା ସାଧନ କର୍ମୀ ଅତୁଲ୍ ବିକ୍ରମ ପ୍ରଧାନ ,ଅମୂଲ୍ୟ କୁମାର ମିଶ୍ର, ହିମାଂଶୁ କୁମାର ମହାନ୍ତି, ନିରଞ୍ଜନ ବିଶ୍ୱାଳ, ସାରଦା ଅଧିକାରୀ ଜୁନିଅର ରେଡ୍ କ୍ରସ ଉପଯୋଗୀ ବିଷୟବସ୍ତୁ ଗୁଡିକ ଉପରେ ଶିକ୍ଷାଦାନ କରିଥିଲେ ।ଏହି ଶିବିରରେ ୪୪୦ ଜଣ ଜୁନିଅରସ୍ ଓ ୨୨୦ଜଣ ପରାମର୍ଶ ଦାତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ପବିତ୍ର ଗୋଛାୟତ,ପ୍ରତାପ କୁମାର ରାଉତରାୟ,ସୁଚିସ୍ମିତା ସ୍ୱାଇଁ, ଶୁକଦେବ ଜେନା,ଶିଶିର କୁମାର ତ୍ରିପାଠୀ,ଅଭୟ କୁମାର ମହାନ୍ତି,ମାନସ ଖଣ୍ଡୁଆଳ, ରମେଶ ବିଶ୍ୱାଳ, ଅବଦୁଲ୍ ହମିଦ୍,ମିଲନ ଓଝା, ରଶ୍ମିରଞ୍ଜନ ମହାପାତ୍ର,ମଙ୍ଗରାଜ ସାହୁ,ଓ ପ୍ରତାପ ବେହେରା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ତାଳଚେର ପୁରାତନ ଶୈବ ପୀଠ ଚିତ୍ରକୂଟ ମନ୍ଦିରର ପରିଚାଳନା କମିଟି ଗଠିତ

ତାଳଚେର : ତାଳଚେରର ବହୁ ପୁରାତନ ଶୈବପୀଠ ଚିତ୍ରକୁଟ ମନ୍ଦିରଟି ଏବେ ନିଶା ସେବନକାରୀ ଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ।ଫଳରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାକୁ ବସିଲାଣି ।ଏହାକୁ ଦୃଷ୍ଟିରେ ରଖି କିଛି ଉଦ୍ୟମୀ ତଥା ଆଧ୍ୟାତ୍ମିକ ଚିନ୍ତା ଧାରାର ବ୍ୟକ୍ତି ଏହାର ବିରୋଧ କରି ଏବଂ ମନ୍ଦିର ପରିବେଶକୁ ସଜାଡ଼ିବା ଲକ୍ଷ୍ୟରେ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରାଇଥିଲେ। ନଗରପାଳ ପବିତ୍ର ଭୁଟିଆ ଏହି ମନ୍ଦିରର ଉର୍ଣ୍ଣତି ପାଇଁ ସମସ୍ତେ ଏକତ୍ରିତ ହୋଇ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ମନ୍ଦିରର ପରିବେଶ ସୁରକ୍ଷା ,ଉର୍ଣ୍ଣତିକରଣ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ କିନ୍ତୁ ଏହିସବୁ କାର୍ଯ୍ୟ ସମ୍ପାଦନ ପାଇଁ ନୂତନ କମିଟିର ଆବଶ୍ୟକତା ଥିବାରୁ ଏହା ଉପରେ ଆଧାରିତ କାର୍ଯ୍ୟକ୍ରମ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା।ଏଥିରେ ସଭାପତି ଭାବେ ନଗରପାଳ ପବିତ୍ର ଭୁଟିଆ ,ଉପସଭାପତି ଭାବେ ଆଠ ନମ୍ବର କାଉନସିଲର ସନ୍ତୋଷ ବେହେରା ,ସାଧାରଣ ସମ୍ପାଦକ ଭାବେ ନଅ ନମ୍ବର ୱାର୍ଡ କାଉନସିଲର ମମତା



ରାଉତ ,ସହ ସମ୍ପାଦକ ସମୀର ସାହୁ କୋଷାଧ୍ୟକ୍ଷ ଭାବେ ସୁଧୀର ପଟ୍ଟନାୟକ ଓ ଶରତ ବାରିକଙ୍କୁ ମନୋନୀତ କରାଯାଇଥିଲା ସେହିପରି ଉପଦେଷ୍ଟା ଭାବେ୨୧ ଜଣଙ୍କୁ ବଛାଯାଇଥିଲା ।ଏହି କମିଟି ମନ୍ଦିରର ଉର୍ଣ୍ଣତି ,ପରିଚାଳନା ସୌନ୍ଦର୍ଯ୍ୟକରଣ ,ପରିବେଶର ସୁରକ୍ଷା ନେଇ କାର୍ଯ୍ୟକରିବ ବୋଲି ନୂତନ ସଭାପତି ଶ୍ରୀ ଭୁଟିଆ ପ୍ରକାଶ ,କରିଥିଲେ। ଆଜିର ବୈଠକରେ ଦେବୀ ମିଶ୍ର , ସନ୍ତୋଷ ଅଗ୍ରୱାଲ ,ସୌଭାଗ୍ୟ ମହାରଣା, ଭଗ୍ୟରଥୀ ମହାପାତ୍ର ,ବାବୁଲି ମହାରଣା ,ତପନ ମହାରଣା ,ଟୁକୁନା ସ୍ୱାଇଁ ,ମେଘନାଦ ପରିଡା ବଳରାମ କୁଣ୍ଡ ,ଗୋପୀନାଥ ସାହୁ ବଳରାମ ବେହେରା ,କାବୁଲି ସେନ ,ଜିତେନ୍ଦ୍ର ଦାସ ,ପ୍ରକାଶ ସାହୁଙ୍କୁ ସମେତ ବହୁସଦସ୍ୟ ମାନେ ଯୋଗ ଦେଇଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୨୭ ତାରିଖରେ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ



ଆଶ୍ରମପାଟଣା ; ଜଗତସିଂହପୁର ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଆଶ୍ରମପାଟଣାରେ ଆତ୍ମସୁରକ୍ଷା ତାଲିମ ଶିବିର ୨୦୨୪ - ୨୦୨୫ ଉଦଯାପିତ ହୋଇଯାଇଛି ଓ ଅଧ୍ୟକ୍ଷ୍ୟ ଶ୍ରୀଯୁକ୍ତ ରବିନାରାୟଣ ରଥ ଉଦଯାପନୀ ଦିବସରେ ଏହି ତାଲିମକୁ ଜୀବନରେ ପ୍ରୟୋଗ କରି ସଫଳ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ସ୍ମିତା କାନୁନଗୋ ଏହି କାର୍ଯ୍ୟକ୍ରମକୁ ୭.୧.୨୫ରୁ ଆରମ୍ଭ କରି ୧୬.୧.୨୫ ପର୍ଯ୍ୟନ୍ତ ପରିଚାଳନା କରିଥିବାବେଳେ ପ୍ରଶିକ୍ଷିକା ସୁନିତା ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ ଓ ଏହି ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରି ଥିଲେ ।

## ବହୁ ପ୍ରତୀକ୍ଷାର ଅନ୍ତ,ଖୋଲିଲା ବାଙ୍ଗୁରିଗାଁ ଧାନ ମଣ୍ଡି



କାକଟପୁର : ପୁରୀଜିଲ୍ଲା ସମ୍ମଳିତ ପୁରୀ -ନିମାପଡା କେନ୍ଦ୍ର ସମବାୟ ଲିଃ କାକଟପୁର ଶାଖା ଅଧୀନ ବାଙ୍ଗୁରିଗାଁ ସେବା ସମବାୟ ସମିତି ପକ୍ଷରୁ ବହୁ ପ୍ରତୀକ୍ଷା ର ଅନ୍ତ ଘଟି ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଅଛି। ସମିତି ର ସଭାପତି ବିଜୟ ଖଟୋଇ, ସମ୍ପାଦକ ସୁନାକାର ରାଉତ, ନୋଡାଲ ଅଧିକାରୀ ଆର ଆଇ ଜସ୍ମିନ ଦାସ, ସରପଞ୍ଚ ପାର୍ଥ ବେହେରା, ସଲ୍ୟନ କୁମାର ପାତ୍ର ସମାଜ ସେବୀ ଆରଏମସି ନିମାପଡା ମାନ ନିରୂପଣ ଅଧିକାରୀ ଅନୁ ଚରଣ ପାତ୍ର, ଅଭିମନ୍ୟୁ ଖଟୋଇ, ନୀଳମଣି ରାଉତ,ମାଗୁଣି କାଣ୍ଡି ପ୍ରମୁଖଙ୍କ ଙ୍କ ଉପସ୍ଥିତି ରେ ଅନୁଷ୍ଠାନିକ ଭାବେ ପୂଜା ପାଠ କରାଯାଇ ଉଦଘାଟନ କାର୍ଯ୍ୟ ସମାପନ କରାଯାଇ ଅଛି ।ବାଙ୍ଗୁରିଗାଁ ସମିତି ପକ୍ଷରୁ ୨୩୦ ଜଣ ଚାଷୀ ପଞ୍ଜିକରଣ ହୋଇଛନ୍ତି। ଆଜି ଜଣ ୧୮ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ ହୋଇଛି। ସାଧାରଣ ଧାନ କୁଇଣ୍ଟାଲ ୨୩ଶହ ଓ ଗ୍ରେଡ଼ ଏ ଧାନ ୨୩ଶହ ୨୦ ଟଙ୍କା ଧାର୍ଯ୍ୟ ହୋଇ ଅଛି। ଚାଷୀ ମାନେ ଉତ୍ସାହିତ ଥିବା ପରିଲିକ୍ଷିତ ହେଉଅଛି। ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି।

## କୁନ୍ଦୁରା ବ୍ଲକ ଡଙ୍ଗରପାଉଁସୀ ଗ୍ରାମପଞ୍ଚାୟତରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା କମିଲା

ଜୟପୁର ; କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଡ଼ଙ୍ଗରପାଉଁସି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଠିଗୁଡା ଗ୍ରାମର ଡାଇରିଆ ଆକ୍ରାନ୍ତ ଙ୍କ ସଂଖ୍ୟା କମିଛି । କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସ ଙ୍କ ସୂଚନା ପ୍ରକାରେ ଗତ ୧୭ ତାରିଖ ଦିନ ଶୁଣ୍ଠୀଗୁଡା ଗ୍ରାମର ୧୫ ଜଣ ଝାଡା ବାନ୍ତି ରେ ଆକ୍ରାନ୍ତ ହୋଇଥିବା ବେଳେ ୧୮ ତାରିଖ ଦିନ ତାହା ୨୫ ଜଣ କୁ ବ୍ୟାପି ଥିଲା କ୍ଷ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଟିମ୍ ଶୁଣ୍ଠିଗୁଡା ରେ ପହଞ୍ଚିବା ସହ ସୂଚନା ପାଇ କୋରାପୁଟ ରୁ ଏକ ଡ଼ାକ୍ତରୀ ଟିମ ପହଞ୍ଚି ତୁରନ୍ତ ଚିକିତ୍ସା ଆରମ୍ଭ କରିଦେଇ ଥିଲେ । ଆଜି ସୁଦ୍ଧା ଦୁଇ ଦିନ ଭିତରେ ଶୁଣ୍ଠିଗୁଡା ଗ୍ରାମର ସ୍ଥିତି ସୁଧୁରିବା ଦେଖିବାକୁ ମିଳିଛି ।ଆଜି କୁନ୍ଦୁରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ୩ ଜଣ ଡ଼ାଇରିଆ ଆକ୍ରାନ୍ତ ଚିକିତ୍ସା ହେଉଥିବା ବେଳେ ଗ୍ରାମରେ ରହିଥିବା ଆକ୍ରାନ୍ତ ସୁସ୍ଥ ହୋଇଥିବା ଦେଖିବାକୁ ମିଳିଛି ।ସୋଲାର ପାଣି ଟାଙ୍କି ଏବଂ ଗ୍ରାମ୍ୟ ପାଇପ ଲାଇନ ଟାଙ୍କି ର ପାଣି ଯୋଗୁଁ ଏହି ଦେଇରିଆ ବ୍ୟାପିଥିବା ଆଶଙ୍କା କରୁଥିବା ବେଳେ ଶୁଣ୍ଠୀଗୁଡା ଓ ପ୍ରଧାନୀପୁଟ ଗ୍ରାମ ବାସୀ ଏହି ଆଶଙ୍କା କୁ ଭୁଲ ବୋଲି କହିଛନ୍ତି । ଗ୍ରାମ୍ୟ ପାଇପ ଜଳ ଯୋଗାଣ ଦ୍ୱାରା ୩ ଖଣ୍ଡ ଗ୍ରାମର ପ୍ରାୟ ୧୩୦ ପରିବାର ପ୍ରତ୍ୟେକ ଦିନ ପାଣି ବ୍ୟବହାର କରୁଛନ୍ତି, କିନ୍ତୁ କେବଳ ଶୁଣ୍ଠୀଗୁଡା ଗ୍ରାମ ରେ ହିଁ କେମିତି ଡ଼ାଇରିଆ ବ୍ୟାପିଲା, ଏହାର ଅନ୍ୟ କାରଣ ହେଲା ନଳକୂପ ର ଦୂଷିତ ପାଣି ଯାହା ସ୍ଥାନୀୟ ଲୋକ ଙ୍କ ଅବହେଳା ଯୋଗୁଁ ହୋଇଛି ବୋଲି କହିଛନ୍ତି । ଗାଁ ଗହଳି ରେ ନାଳ ନର୍ଦ୍ଦମା ସଫା ଏବଂ ଗାଁ ପରିମଳ କୁ ଧ୍ୟାନ ଦିଆଯାଉନଥିବା ଯୋଗୁଁ ଏହି ଭଳି



ଅସୁବିଧା ଉପୁଜୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଏଥିସହ ଏହି ପାଇପ ଜଳ ଯୋଗାଣ ଟାଙ୍କି ରେ ଛଅ ମାସ କୁ ଥରେ ସଫା କରିବା ସହ ବ୍ଲିଚିଙ୍ଗ ପାଉଡର ପକାଇବା ବ୍ୟବସ୍ଥା କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।ପ୍ରତେକ ଗାଁ ଗହଳିର ନାଳ ନର୍ଦମା ସଫା, ଡ୍ରେନେଜ ବ୍ୟବସ୍ଥା କୁ ସୁଧାର ଅଣାଯାଉ ବୋଲି ଗ୍ରାମବାସୀ ମାନେ କହିଛନ୍ତି ।ଘଟଣା ଘଟିବା ପରେ ସ୍ୱାସ୍ଥ୍ୟ କର୍ମୀ ଯାଇ ଚିକିତ୍ସା କରିବା ବଦଳରେ ଆଗୁଆ ସ୍ୱାସ୍ଥ୍ୟ ସଚେତନତା କରାଯାଉ ବୋଲି ସ୍ଥାନୀୟ ଲୋକ କହିଥିଲେ । ଶୁଣ୍ଠୀଗୁଡା ଗ୍ରାମର ଡ଼ାଇରିଆ ଘଟଣା କେବଳ କୁନ୍ଦୁରା ବ୍ଲକ ନୁହଁ କୁନ୍ଦୁରା ବ୍ଲକର ପାଖ ବ୍ଲକ ଏବଂ ଗାଁ ଗହଳି ମାନଙ୍କରେ ଭୟ ର ବାତାବରଣ ସୃଷ୍ଟି କରିଥିବା ବେଳେ ପ୍ରକୃତରେ କେଉଁ କାରଣ ରୁ ଏହି ଡ଼ାଇରିଆ ବ୍ୟାପିଛି କେହି ବି ସଠିକ କାରଣ ଦର୍ଶାଇ ପାରୁ ନାହାନ୍ତି । କିଏ ସ୍ୱାସ୍ଥ୍ୟ ବିଭାଗ କୁ ଦାୟୀ କରୁଥିବା ବେଳେ ଆଉ କିଏ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ କୁ ଦାୟୀ କରୁଛି ।କିନ୍ତୁ ପ୍ରକୃତ କଥା ହେଲା - ଶୁଣ୍ଠୀଗୁଡା ଗ୍ରାମ ତଥା ଏହି ଭଳି ଗ୍ରାମ ମାନଙ୍କରେ ରହିଥିବା ଗାଁ ପରିମଳ ସମିତି ର କାର୍ଯ୍ୟ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ କର୍ତ୍ତୃପକ୍ଷ ଙ୍କ ପରିମଳ ପ୍ରତି ଦୃଷ୍ଟି ନଦେବା ହିଁ ଏଭଳି ସମସ୍ୟା ର ମୁଖ୍ୟ କାରଣ । ଏଠି କୌଣସି ନିର୍ଦ୍ଦିଷ୍ଟ ବିଭାଗ କୁ ଦୋଷ ନ ଦେଇ ସ୍ଥାନୀୟ ଲୋକ ସଚେତନ ହେବା ସହ ସମ୍ପୃକ୍ତ ସମସ୍ତ ବିଭାଗ ନିଜ ଦାୟିତ୍ୱ ପ୍ରତି ତତ୍ପରତା ଦେଖାଇଲେ ଆଗକୁ କୌଣସି ଗ୍ରାମରେ ଏହିଭଳି ସମସ୍ୟା ଉପୁଜିବ ନାହିଁ ବୋଲି କୁନ୍ଦୁରା ଅଞ୍ଚଳ ର ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଥିଲେ ।

## ୭୬ତମ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ରେ ଏଇ ବର୍ଷ ୨୦୨୫ରେ ଆମେ ସମସ୍ତେ ୭୬ତମ ସାଧାରଣ ତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ ଏହି ଅବସରରେ ଆମ ଜୟପୁରରେ ବର୍ତ୍ତମାନ ଠାରୁ ହିଁ ପ୍ରସ୍ତୁତିପର୍ବ ଆରମ୍ଭ କରିଦିଆହେଇଛି । ଗତକାଲି ଅର୍ଥାତ୍ ତା ୨୦.୧.୨୦୨୫ରିଖ ଓ ଆଜି ୨୧.୦୧. ୨୦୨୫ ଛାତ୍ରଛାତ୍ରୀ ମାନଙ୍କ ଚନ୍ଦନ ନାୟକ ଏସବୁ କୁ ଆୟୋଜନ କରିଥିଲେ । ତଥା ସହିତ ପ୍ରତିଯୋଗିତାରେ ଯୋଗ୍ୟ ପ୍ରତିଯୋଗୀଙ୍କୁ ବାଛିବା ପାଇଁ ବିଚାରକ ଭାବେ ।ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ / ଇଂରାଜୀ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା ରେ ଥିବା ବିଚାରକ ମଣ୍ଡଳୀ ମାନେ ଶ୍ରୀ ଯୁଗଳ କିଶୋର ମିଶ୍ର, ଶ୍ରୀ ଜନାର୍ଦ୍ଦନ ପଣ୍ଡା, ଶ୍ରୀ ସୁରେନ୍ଦ୍ର ପଟ୍ଟନାୟକ, ଶ୍ରୀ ପ୍ରଭାତ କୁମାର




ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଦେଶକ୍ଷମ୍ବୋଧ ସଙ୍ଗୀତ,ବକ୍ତୃତା , ରଚନା ଇତ୍ୟାଦି ସର୍ବ କନିଷ୍ଠ , କନିଷ୍ଠ , ବରିଷ୍ଠ , ସର୍ବ ବରିଷ୍ଠ ବିଭିନ୍ନ ବର୍ଗକୁ ନେଇ ଆମ ଅନୁଷ୍ଠାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି । ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଚଳିତ ବର୍ଷ ଜାନୁଆରୀ ୨୬ ଅର୍ଥାତ୍ ସାଧାରଣତନ୍ତ୍ର ଦିବସ ଦିନ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରତିଯୋଗିତା ଗୁଡ଼ିକ କିପରି ସଠିକ୍ ଭାବେ ପରିଚାଳିତ ହବ ସେଥିପ୍ରତି ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଥ, ଏବଂ ତପନ କିରଣ ତ୍ରିପାଠୀ ।କୁଇଜ୍ ପ୍ରତିଯୋଗୀତା ରେ ଥିବା ବିଚାରକ ଡ. ସୁରେଶ ଦାସ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗୀତା ରେ ଥିବା ବିଚାରକ ମଣ୍ଡଳୀ ମାନେ ଶ୍ରୀ ମନୋଜ ଦାସ ,ଶ୍ରୀ ଭାରତ ରଥ ,ଶ୍ରୀ ଅମର ମିଶ୍ର , ଶ୍ରୀମତୀ ବିଦ୍ୟୁତ ପ୍ରଭା ପଟ୍ଟନାୟକ ,ଶ୍ରୀ ସୁଧାକର ପଣ୍ଡା ,ଶ୍ରୀ ଅଭୟ ମିଶ୍ର ,ଶ୍ରୀ ଜି ମହେଶ , ଶ୍ରୀ ରାମ, କୁଳଦୀପ ଏବଂ ଶ୍ରୀ ପ୍ରଣବ କୁଳଦୀପ ।ଏହି କାର୍ଯ୍ୟକ୍ରମକୁ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ବି ଏଡ ଗୁରୁ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

## ଯୁବ ସାହିତ୍ୟର ସ୍ୱର ସମୟର ଆହ୍ୱାନ: ତୃତୀୟ ଗଦ୍ୟାଂଶ ଉତ୍ସବ: ଯୁବ କଥାକାର ସମାବେଶ

ସୋର : ଦ୍ରୁତ ପରି ର୍ନଶୀଳ ସମୟ,ସମାଜ ଓ ମଣିଷର ଭାବରାଜିକୁ ଆତ୍ମସ୍ଥ କରି ସୃଜନଶୀଳ ସାହିତ୍ୟ ରଚନା କରିବା ବେଶ ଆୟାସ ସାଧ୍ୟ ଓ ଆହ୍ୱାନମୟ ବୋଲି ଗଦ୍ୟାଂଶ ପତ୍ରିକାର ତୃତୀୟ ସାମ୍ବତ୍ସରିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସୋର ଉ ରେଶ୍ୱରସ୍ଥିତି ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ଉତ୍ସବକୁ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଉଦ୍ ?ଘାଟନ କରି କହିଲେ ଯେ ଓଡ଼ିଆ ସାହିତ୍ୟରେ ଯୁବ ଲେଖକ ଓ କବିମାନଙ୍କର ଆବେଗ ପ୍ରଖର ରହିଛି ଏବଂ ସମସାମୟିକତାକୁ ବିଶେଷ ଦୃଷ୍ଟି ଦେଇ ସୃଜନାତ୍ମକ କାର୍ଯ୍ୟକୁ



ଗତିଶୀଳ କରିଛନ୍ତି। ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଐତିହାସିକ କ୍ରମରେ ସାଂପ୍ରତିକ ତରୁଣ ଲେଖକମାନେ ନିଜକୁ କୁଣ୍ଠା ପ୍ରକାଶ କରୁନାହାନ୍ତି କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ କୁମାର ଦାସ ଯୋଗଦେଇ ସାହିତ୍ୟରେ ସମସାୟିମତା ସହିତ ଚିରନ୍ତନତା ଏବଂ ସମ୍ବେଦନଶୀଳତା ରହିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ଚି ରଂଜନ ନାୟକ, ଲେଖକଟିଏ ନୈରାଶ୍ୟରୁ ଆଶାବାଦୀ ହେବା ଜରୁରୀ ମାତ୍ର ପ୍ରଶଂସା ବା ସମ୍ମାନ ମନସ୍କ ହୋଇ ଗୋଡ଼େଇ ହେବା ଅନୁଚିତ ବୋଲି କହିଥିଲେ। ନାଟ୍ୟକାର ମୁକୁନ୍ଦ ଶତପଥୀ ନାଟକ, ଗଳ୍ପ, କବିତାର ପାରସ୍ପରିକ ସଂପୃକ୍ତ ସଂପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଯୁବ ଗାଳ୍ପିକ ବିଶ୍ୱନାଥ ସାହୁଙ୍କ ଚଳିତ ବର୍ଷର ଗଦ୍ୟାଂଶ ଯୁବ ପୁରସ୍କାର, ଗାଳ୍ପିକା ମିନା ସ୍ୱାଇଁଙ୍କୁ ଗଦ୍ୟାଂଶ ସାଧନା ସମ୍ମାନ, ଗାଳ୍ପିକା ହେମାଙ୍ଗିନୀ ଦାଶଙ୍କୁ ଗଦ୍ୟାଂଶ ସାଧନା ସମ୍ମାନ ଏବଂ ସୁରଂଜନ ପାତ୍ରଙ୍କୁ ଗଦ୍ୟାଂଶ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସଂଯୋଜନାର କରିଥିଲେ ମନୀଷା ବିଶ୍ୱାଳ। ସଂପାଦକ କ୍ଷୀରୋଦ ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ବିକାଶ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଚିତ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଳ୍ପ ଆସରରେ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ସଂଯୋଜନାରେ ଶ୍ୱେତପଦ୍ମା ପାଢ଼ୀ, ଶୀତଲ ମିଶ୍ର, ସ୍ୱରୂପ ନାୟକ ଗଳ୍ପପାଠ କରିଥିଲେ। ତୃତୀୟ ଅଧିବେଶନରେ ଦେବବ୍ରତ ଜେନାଙ୍କ ସଭାପତିତ୍ୱ କବିତାପାଠ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ତପନ ବାରିକ ଯୋଗଦେଇଥିବା ଏବଂ ରଂଜନ ମହାନ୍ତି ସଂଯୋଜନାରେ ୧୫ ଜଣ ନିମନ୍ତ୍ରିତ ଯୁବ କବି କବିତାପାଠ କରିଥିଲେ।

# କଲ୍ୟାଣସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୨ ତମ ବାର୍ଷିକ କ୍ରୀଡା ଉତ୍ସବ

କଲ୍ୟାଣସିଂହପୁର,୨୫/୧ (ନି.ପ୍ର):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୨ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦଳାଇ ଙ୍କ ବୈଠକରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ମୁଖ୍ୟ ବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରୀ ରହିଥିବା ବେଳେ ମୋ ସ୍କୁଲ ଅଭିଯାନ ର ସଭାପତି ଗୁଡୁଲ୍ଲା ନାଗେଶ କୁମାର,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏଙ୍କେଟେଶ୍ୱର ପାଢ଼ୀ, ମାନସିଂ ଗରଡ଼ିଆ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ମଞ୍ଚାସିନ ରହିଥିଲେ ।ରାମଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥୀଙ୍କୁ ସ୍ୱାଗତ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ହିନ୍ଦୀ ଶିକ୍ଷକମୋନଜ କୁମାର ସାହୁକାର ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥୀଙ୍କ ଅଭିଭାଷଣ କିଭଳି ଛାତ୍ର ଛାତ୍ରୀ ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିପାରିବେ ତାହା ଅତି ସରଳ ଭାଷାରେ ବୁଝାଇଥିଲେ । ବାର୍ଷିକ କ୍ରୀଡ଼ାଉତ୍ସବରେ କୃତିତ୍ୱ ୭୦ଜଣ ଛାତ୍ର ଛାତ୍ରୀ ଙ୍କୁ ଅତିଥୀଙ୍କ ଦ୍ୱାରା ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହାକୁ ବିଦ୍ୟାଳୟ ର ଶିକ୍ଷକ ଅଜିତ



କୁମାର ଦାସ, ଉମାଶଙ୍କର ଖରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଶ୍ରୀଧର ପାତ୍ର ,କ୍ରୀଡ଼ା ଶିକ୍ଷକ ପଙ୍କଜ କାତ୍ରାକା,ତୃପ୍ତି ବିଡିକା, ବାଦଲ ନାଚିକା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ନିୟମଗିରି,ନିୟମ ରାଜା ର ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କଲ୍ୟାଣସିଂହପୁର,୨୫/୧ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତ ନିୟମଗିରି ପାହାଡରେ ଥିବା ଲାଖପଦର ଗ୍ରାମ ଠାରେ ନିୟମଗିରି ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ନିୟମଗିରି ପାହାଡର ସୁରକ୍ଷା ସମିତିର ସଭାପତି ଲଦ ଶିକକାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । କେମିତି ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ସହିତ ଧର୍ତ୍ତୀ ଆବା ନିୟମ ରାଜା ର ପର୍ବ ପାଳନ ହେବ ତାହା ନେଇ ଆଲୋଚନା କରାଯାଇଥିଲା । ଏଥିରେ ନିୟମଗିରି ପର୍ବ ଆସନ୍ତା ଫେବ୍ରୁଆରୀ ମାସ ୨୧,୨୨,୨୩ ତାରିଖ ତିନିଦିନ ଧରି ଧୁମଧାମରେ ପର୍ବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତ ମାସ ୩୧ତାରିଖ ଦିନ ଠାରୁ ନିୟମଗିରି ପାହାଡରେ ୪ଟି କଲ୍ୟାଣସିଂହପୁର, ବିଷମକଟକ,ମୁନିଗୁଡା ଓ ଲାଞ୍ଜିଗଡ଼ ବ୍ଲକର ଥିବା ୧୧୨ଖଣ୍ଡ ଗ୍ରାମ ବା ପଦର କୁ ବୁଲି ବୁଲି ପଦଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସବୁ ବର୍ଷ ଠାରୁ ଚଳିତ ବର୍ଷ ଧୁମଧାମରେ ପାଳନ କରିବା ପାଇଁ ଆଲୋଚନା କରାଯାଇଛି ।ଏଥିରେ ନିୟମଗିରି ଡଙ୍ଗରିଆ କନ୍ଧ ଉପସ୍ଥିତ ରହିଥିଲେ ।

# ଜି.ଉଦୟଗିରି ଏନଏସି ରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଲେ



ଜି.ଉଦୟଗିରି,୨୫/୧ (ନି.ପ୍ର):ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ବୁଧବାର ଦିନ ୧:୫୦ ମିନିଟ୍ ସମୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଶୁତୋଷ ଗୌରବ କର (ଓପ୍ରାସେ) ଯୋଗଦାନ ଦେଇଛନ୍ତି । ଶ୍ରୀ କର କାର୍ଯ୍ୟାଳୟରେ ପହଁଞ୍ଚିବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ । ଶ୍ରୀ କର ପୂର୍ବରୁ କେନ୍ଦ୍ରାପଡା ମୁନିସିପାଲିଟି, କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୪୫ ବର୍ଷ ପୁରୁଣା ପରିଷଦ କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଣେ ଓଏଏସ ଅଧିକାରୀ ଙ୍କ ଯୋଗଦାନ ପରେ ପରିଷଦ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ନେଇ ସହରର ଚା ଖଟି ରେ ଆଲୋଚନା ହେବା ସହ ଆଶା ବାନ୍ଧିଛନ୍ତି ଅଞ୍ଚଳବାସି। ପରିଷଦ ଅଞ୍ଚଳରେ କୌଣସି ପରିସ୍ଥିତିରେ ମଧ ବିକାଶ ବାଧାପ୍ରାପ୍ତ ହେବ ନାହିଁ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କର।

# ରାମଗଡ଼ରେ ବିଜେଡିର କର୍ମୀ ସମ୍ମିଳନୀ ବିଜେପି ସରକାର ଉପରେ ବର୍ଷିଲେ ପୂର୍ବତନ ମନ୍ତ୍ରୀ

ବୌଦ୍ଧ,୨୫/୧ (ନି.ପ୍ର):ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତ ବିଜୁ ଜନତାଦଳର କର୍ମୀସମ୍ମିଳନୀ ସ୍ଥାନୀୟ ରାମଗଡ଼ ଜଗନ୍ନାଥ ବନ ପ୍ରକଳ୍ପ ଠାରେ ଜ୍ଞାନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବିଜେପି ସରକାର ଉପରେ ବର୍ଷି ଥିଲେ । ମିଛୁଆ ସରକାର, ଲୋକଙ୍କ କଥା ଦେଇ କଥା ରଖୁନଥିବା ଜିଲ୍ଲାର ବିକାଶ ମଂଥର ଗତିରେ ଥିବା ଆଦି ନିଜର ଅଭିଭାଷଣ ରଖିଥିଲେ । ବିଜେଡି କର୍ମୀ ଓ ଦଳ କୁ ସକ୍ରିୟ କରିବା ପାଇଁ କର୍ମୀ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ନେତା ଅବକାଶ ସାହୁ ସୁଜ୍ଞାନ କର୍ଣ୍ଣ ସୁଶୀଲ ଦେହୁରୀ ସୀତାଂଶୁ ମାହାଙ୍କୁଡ ଧରଣୀ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇ ଦଳୀୟ ସଂଗଠନକୁ ମଜଭୂତକରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଶପଥ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାସୁଦେବ ଦେହୁରୀ, କୃଷ୍ଣ ଚନ୍ଦ୍ର ସେଠି, ବିଜ୍ଞାନ ବିଶି, ବାଲ୍ୟକୃଷ୍ଣ ପାତ୍ର, ଜ୍ୟୋତିରଞ୍ଜନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ତିନି ଶହରୁ ଉର୍ଦ୍ଧ ବିଜୁ ଜନତାଦଳ କର୍ମୀ ଆଜିର ବୈଠକରେ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ତିଳେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ : ସେକେଣ୍ଡ ବାଟାଲିୟନ,ଝାରସୁଗୁଡା ଚମ୍ପିୟାନ



ବୌଦ୍ଧ,୨୫/୧ (ନି.ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ତିଳେଶ୍ୱର ହାଇସ୍କୁଲ ଖେଳପଡିଆ ଠାରେ ବଜାର ଆସୋସିଏସନ ପକ୍ଷରୁ ୨୧ତମ ତିଳେଶ୍ୱର କପ ରାଜ୍ୟସ୍ତରିୟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପନୀ ଦିବସ ବା ଫାଇନାଲ ମ୍ୟାଚ ସେକେଣ୍ଡ ବାଟାଲିୟନ ଝାରସୁଗୁଡା ସହିତ ମଙ୍ଗଳା କ୍ଲବ କଟକ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ପ୍ରଥମାର୍ଦ୍ଧ ରେ ଝାରସୁଗୁଡା ଦଳ ୨/୦ଗୋଲ ରେ କଟକ କୁ ଗୋଲ ଦେଇ ଦଳକୁ ଆଗକୁ ନେଇଥିଲେ । ମଧ୍ୟାନ୍ତର ପରେ କଟକ ପକ୍ଷରୁ ଗୋଟିଏ ଗୋଲ ସ୍କୋର ଝାରସୁଗୁଡା କୁ ପରିଶୋଧ କରିବାରେ ସକ୍ଷମ ହୋଇଥିଲା । ଫଳରେ ନିର୍ଦ୍ଧାରିତ ସମୟ ଭିତରେ ସେକେଣ୍ଡ ବାଟାଲିୟନ ଝାରସୁଗୁଡା ୨/୧ଗୋଲ ରେ ବିଜୟୀ ହୋଇ ତିଳେଶ୍ୱର କପ ର ୟୁନର ଟ୍ରଫି ର ବିଜେତା ହୋଇଥିଲା ଦଳ । ତିଳେଶ୍ୱର କପ ଫାଇନାଲ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ସରୋଜ କୁମାର ପ୍ରଧାନ ବୌଦ୍ଧ ବିଧାୟକ ତଥା ମୁଖ୍ୟ ସଚେତକ ଓଡିଶା ସରକାର,ସମ୍ମାନିତ ଅତିଥିଭାବେ ଆସୋସିଏସନ ର ସଭାପତି ଅର୍ଜୁନ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ ଓ ସମ୍ପାଦକ ମହେଶ୍ୱର ମହାପାତ୍ର ମଞ୍ଚାସିନ ରହି ତିଳେଶ୍ୱର କପ ବିଜେତା ସେକେଣ୍ଡ ବାଟାଲିୟନ ଝାରସୁଗୁଡା ଦଳ କୁ ବିଜେତା ଟ୍ରଫି ଓ ପୁରସ୍କାର ରାଶି ୨୫ ହଜାର ୨୫ଟଙ୍କା ସହିତ ପରାଜିତ ଦଳ ମଙ୍ଗଳା କ୍ଲବ କଟକ କୁ ଟ୍ରଫି ସହିତ ପୁରସ୍କାର ରାଶି ୨୦ହଜାର ୨୦ଟଙ୍କା ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳକୁ ମୁଖ୍ୟ ରେଫରି ଭାବରେ ଶିବ ଶଙ୍କର ପଣ୍ଡା ଖେଳ କୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସଲିଲ କୁମାର ବେହେରା ଓ ସୁଜିତ ରାଜହଂସ ଲାଇନ୍ସ ମ୍ୟାନ ଏବଂ ଲକ୍ଷ୍ମନ ସେଠ ଚତୁର୍ଥ ରେଫରି ଭାବେ ଖେଳ ଦାୟିତ୍ୱ ତୁଲାଇ ଥିଲେ ! ମଞ୍ଚ ରେ ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍ଘାଟନୀ ଦିବସ ଠାରୁ ଉଦଯାପନୀ ଦିବସ ପର୍ଯ୍ୟନ୍ତ ପ୍ରତି ଦିନ ସଂଯୋଜକ ସିମୁନ ନାଏକ ଙ୍କ ଦ୍ୱାରା ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ । ଆଠ ଦିନ ଧରି ଚାଲିଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରେ ଜିଲ୍ଲା ର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକ ଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ କ୍ରୀଡା କୁ ବଜାର ଆସୋସିଏସନ ର ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ, ପ୍ରବୀଣ ବେହେରା, କିନୁ ବେହେରା, କାହ୍ନା ବାରିକ, ବୁଲୁନ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବେଗୁନିଆପଡା ବ୍ଲକରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ

## ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ରେକର୍ଡ ପତ୍ର ଓ ଫାଇଲ ସଠିକ ସମୟରେ କରୁନଥିବା ଅଭିଯୋଗ

ବେଗୁନିଆପଡା,୨୫/୧ (ନି.ପ୍ର): ବେଗୁନିଆପଡା ବ୍ଲକ ପରିସରରେ ଥିବା ମର୍ଦରାଜ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚ ଦଶ ଅର୍ଥ କମିଶନ ଯୋଜନାର ଜନ ଶୁଣାଣୀ ତଥା ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ତା- ୦୧/୦୪/୨୦୨୪ ରିଖ ଠାରୁ ତା- ୩୦/୦୯/୨୦୨୪ ରିଖ ମଧ୍ୟରେ ହୋଇଥିବା କାର୍ଯ୍ୟ ଗୁଡିକର ଜନ ଶୁଣାଣୀ ହୋଇଥିଲା । ୧୯୦ ଟି ପ୍ରକଳ୍ପ କରିବା ପାଇଁ ହାତକୁ ନିଆଯାଇଛି । ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ରେକର୍ଡ ପତ୍ର ଓ ଫାଇଲ ସଠିକ ସମୟରେ କରୁନଥିବା ଓ ସମୀକ୍ଷକଙ୍କୁ ପ୍ରଦାନ କରୁନଥିବା ନେଇ ଏହି ବୈଠକରେ ଅଭିଯୋଗ ହୋଇଥିଲା । ସେଭେନ ରେଜିଷ୍ଟର କାର୍ଯ୍ୟକାରୀ ହେଉନଥିବା, ମେଜେରମେଣ୍ଟ ବହି ସଠିକ ଭାବେ ପ୍ରସ୍ତୁତ କରାଯାଉନଥିବା, ଅନେକ ଲୋକଙ୍କ ଜବ କାର୍ଡ ବନ୍ଦ ହୋଇଯିବା ମଧ ଅଭିଯୋଗ ହୋଇଥିଲା । ତେବେ ଆସନ୍ତା ସାତ ଦିନ ମଧ୍ୟରେ ସମସ୍ତ ରେକର୍ଡ ପତ୍ର ପ୍ରସ୍ତୁତ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳ ବିଡ଼ିଓ ଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟର ସୂଚନା ଫଳକ କରାଯାଉନାହିଁ, ସମୀକ୍ଷକ କହିଥିଲେ । ଭି ଆର ପି ମାନଙ୍କୁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜି ଆର ଏସ ମାନେ ସହଯୋଗ କରୁନଥିବା ଅଭିଯୋଗ ହୋଇଥିଲା ।ଏଥିରେ ଉପଜିଲାପାଳ ଶିବାଶିଷ ବରାଳ , ଭାରପ୍ରାପ୍ତ ବିଡିଓ ସସ୍ମିତା ଶତପଥି , ଅଧକ୍ଷା ରେଣୁ ଗୌଡ଼ ,ଉପାଧକ୍ଷ ସୁଧାକର ପ୍ରଧାନ,ଜିଲ୍ଲା ସାମାଜିକ ସମୀକ୍ଷକ ରବିନ୍ଦ୍ର ନାଥ ମଲାଣ,ବ୍ଲକ ସାମାଜିକ ସମୀକ୍ଷକ ରାଜେନ୍ଦ୍ର କୁମାର ସାହୁ , ଏ ପି ଓ ରଞ୍ଜନ କୁମାର ନାହାକ,ସରପଞ୍ଚ, ସମିତିସଭ୍ୟ, ମୃତିକା ସଂରକ୍ଷଣ ବିଭାଗର ଅଧିକାରୀଣି, ବନବିଭାଗର କର୍ମଚାରୀ, କନିଷ୍ଠ ଯନ୍ତ୍ରୀ ,ପି.ଇ.ଓ,ଏ ଡି ଇ ଓ,ଜିଆରଏସ, ଗାଁ ସାଥି ଓ ଭି ଆର ପି ମାନେ ଉପସ୍ଥିତ ଥିଲେ।







### କୀଟନାଶକ ଔଷଧ ସେବନକରି ବାଳିକା ଗୁରୁତର

କଲ୍ୟାଣସିଂହପୁର,୨୫/୧ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ଭିତର ଝୋଲା ଗ୍ରାମର ସ୍ୱର୍ଗତ ଜାମା ମିଣିଆକାଙ୍କ ଝିଅ ରଞ୍ଜିତା ମିନିଆକା (୧୬)କୀଟନାଶକ ଔଷଧ ସେବନକରି ଗୁରୁତର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଆଜି ସକାଳୁ ଝିଅ ରଞ୍ଜିତ କପା ଗୁଡ଼ିଆ କୁ ତୋଳିବା ପାଇଁ ଯାଇଥିବା ବେଳେ ମା ଲକ୍ଷ୍ମୀ ମିଣିଆକା ପିଡ଼ିଏସ ଚାଉଳ ଆଣିବା ପାଇଁ ପଞ୍ଚାୟତକୁ ଆସିଥିଲେ । ଝିଅ ଔଷଧ ଖାଇ ଛୋଟପଟ ହେଉଥିବା ଖବର ମାଆ ପାଇ ଚାଉଳ ନ ଆଣି ଘରକୁ ଆସିଥିଲେ । ଝିଅ ଘରେ ଥିବା କୀଟନାଶକ ଔଷଧ ଖାଇ ଥିବା ଜାଣି ସଙ୍ଗେ ସଙ୍ଗେ ଏକ ବାଇକରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ବେଳେ ବାଟରେ ଗାଡିର ତେଲ ସରିଯାଇଥିଲା ।ସଙ୍ଗେ ସଙ୍ଗେ ରାଗିବୁହା ଗାଡିକୁ ଯୋଗାଯୋଗ କରି ପ୍ରାୟ ୧ ଘଣ୍ଟା ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଏଠାରେ ଡାକ୍ତର ଚିନ୍ମୟ ଲିମା ଓ ପ୍ରମୋଦ କୁମାର ମିଶ୍ର ପ୍ରାଥମିକ ଚିକିତ୍ସା କରିବା ପରେ ବାଳିକା ଅବସ୍ଥା ଗୁରୁତ୍ୱ ହୋଇଥିବାରୁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିବା ଜଣାପଡିଛି ।

# ଧାନର କଟନୀଛଟନୀ ବିରୁଦ୍ଧରେ ଅଖିଳ ଭାରତ କୃଷକ ସଭାର ଗଣ ଧାରଣା

■ବାସୁଦେବପୁର ମିଲରମାନଙ୍କ ମନମାନି ଯୋଗୁଁ ଚାଷି ହନ୍ତସନ୍ତ
■ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ



ବାସୁଦେବପୁର, ୨୫/୧ (ନି.ପ୍ର): ଜାନୁଆରୀ ୫ ତାରିଖ ରେ ଧାନ ମଣ୍ଡି ଶୁଭ ଉଦଘାଟନ ହୋଇ ଥିବା ସତ୍ତ୍ୱେ ଦୀର୍ଘ ୧୮ ଦିନ ହେବ ଧାନ ବିକ୍ରୟ କୁ ନେଇ ଚାଷୀମାନଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଏଡତାଳ ସେବା ସମବାୟ ସମିତି ସମ୍ମୁଖ ରେ ଅଖିଳ ଭାରତ କୃଷକ ସଭା ବାସୁଦେବପୁର ଶାଖା ପକ୍ଷରୁ ର ଗଣ ଧାରଣା ଦିଆଯାଇଛି। କୃଷକ ସଭା ବାସୁଦେବପୁର ଶାଖା ର ସଭାପତି ହରିହର ବେହେରାଙ୍କ ନେତୃତ୍ୱରେ ପଚାଶରୁ ଉର୍ଦ୍ଧ ଚାଷୀ ମାନେ ଧାନ ର କଟଣି ଛଟଣି ବିରୁଦ୍ଧ ରେ ଗଣ ଧାରଣା ଦେଇଛନ୍ତି। ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ଚାଷୀ ଭାଇ ମାନେ କହିଛନ୍ତି। ଏହି ଗଣ ଧାରଣା ରେ ସଭାପତି ହରିହର ବେହେରା ଙ୍କ ସହ ବସନ୍ତ ନାୟକ, ଅମରେନ୍ଦ୍ର ପଲାଇ, ସୁବାସ ପଣ୍ଡା, ମୁକ୍ତି କାନ୍ତ ଘଡାଇ,ନାଗେଶ୍ୱର ମଲିକ, କୈଳାଶ ମଲିକ, ସମୀର ଦାସ, ଅଭୟ ମହାପାତ୍ର, ରମେଶ ସାହୁ, ସୁବାସ ମଲିକ, ପ୍ରଦୀପ ମଲିକ ଙ୍କ ସହ ବହୁ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ। ଏପଟେ ଦୀର୍ଘ ସମୟଧରି ଗଣଧାରଣା ରେ ଚାଷୀମାନେ ବସିବା ପରେ ବାସୁଦେବପୁର ବ୍ଲକ ର ଦୁଇ ଟି ମିଲର କାର୍ଯ୍ୟକର୍ତ୍ତା ଏବଂ ନୋଡାଲ ଅଫିସର ଏଡତାଳ ସମବାୟ ସମିତି ରେ ପହଞ୍ଚି ଥିଲେ । ଦୀର୍ଘ ସମୟଧରି ଆଲୋଚନା ପର୍ଯ୍ୟାଲୋଚନା ପରେ ୭% କଟିଣି ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଉଭୟ ଚାଷୀ ଓ ମିଲର ଖୁସି ଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ଚାଷୀ ମାନଙ୍କ ଦୁଃଖ ଦୂର କରିବାକୁ କହୁଥିବା ନେତା ବର୍ତ୍ତମାନ ଚାଷୀ ମାନଙ୍କ ଧାନ ଅଭାବ ବିକ୍ରି ପାଇଁ ଗଣଧାରଣା ଦେଉଥିବା ବେଳେ ନେତାମାନଙ୍କ ର ଦେଖା ନ ମିଳିବାକୁ ନେଇ ଚାଷୀଙ୍କ ମନ ଉଣା ହୋଇଥିବା ଦେଖିବାକୁ ମିଳୁଛି।

# ଛେଳିପାଳନ ପାଇଁ ଚାଷୀଙ୍କୁ ଦିଆଗଲା ତାଲିମ

ତୁଷୁରା,୨୫/୧ (ନି.ପ୍ର):ଗୁଡଭେଲା ବ୍ଲକ ଠାରେ ଏଲଟିଆଇ ମାଇନଟ୍ରି ଏବଂ ମହାଶକ୍ତି ଫାଉଣ୍ଡେସନ ତରଫରୁ ଏକ ଦିନିକିଆ ଛେଳି ପାଳନ ତାଲିମ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜୀବିକା ବିଶେଷଜ୍ଞ ତଥା ଗୋପାଳ ବାୟୋଟେକ ଆଗ୍ରୋ ଫାର୍ମର ପରିଚାଳକ ମୁଖ୍ୟ ବିରେନ ପଧାନ ଜୀବିକା ତାଲିମଦାତା ଭାବରେ ଯୋଗଦେଇଥିଲେ। ପ୍ରଥମେ ଗୁଡଭେଲା ପଞ୍ଚାୟତର ସରପଞ୍ଚ ସନ୍ତୋସୀନି ମହାପାତ୍ର ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ପରେ ଶ୍ରୀ ପଧାନ ଛେଳିପାଳନ ଉପରେ ବିସ୍ତୃତ ଭାବରେ




ବୁଝାଇଥିଲେ ଯଥା ଛେଳି ପାଇଁ ଉପଯୁକ୍ତ ଖାଦ୍ୟ ପାନୀୟ ବ୍ୟବସ୍ଥା ଉପରେ,ଛେଳି ମାନଙ୍କୁ ଲାଗୁ ଥିବା ବିଭିନ୍ନ ରୋଗ ଓ ପ୍ରତିଶୋଧକ ବ୍ୟବସ୍ଥା- ଟୀକା କାରଣ ଏବଂ ତାହାର ଚିକିତ୍ସା ବିଷୟରେ ବୁଝାଇଥିଲେ ।ଛେଳିପାଳନ ର ବିଭିନ୍ନ ପଦ୍ଧତି ଏବଂ ଏହା ଦ୍ୱାରା ଚାଷୀ ମାନେ କିପରି ଲାଭବାନ ହୋଇ ପାରିବେ ତା ଉପରେ ଆଲୋଚନା କରିଥିଲେ। ସ୍ୱଳ୍ପ ଖର୍ଚ୍ଚ ରେ ଉନ୍ନତ ଧରଣର ଛେଳି ଗୁହାଳ ଘର ତିଆରି ଉପରେ ଏବଂ କମ ଖର୍ଚ୍ଚ ରେ କିପରି ଦେଶୀ ଛେଳି ଚାଷ କରାଯାଇ ଏହାର ବଂଶବୃଦ୍ଧି ପ୍ରଣାଳୀ ଏବଂ ଛେଳିମାନଙ୍କ ର ବିଭିନ୍ନ ରୋଗ ଚିକିତ୍ସା ପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ଗୁଡଭେଲା, ଦେଉଳଗୁଡି, ମାଡେକେଲା, ତେନ୍ତୁଳିଖୁଣ୍ଟି ଏବଂ ଘୁନା ୫ ଟି ପଞ୍ଚାୟତର ୫୦ ଜଣ ଛେଳି ଚାଷୀ ତଥା ୧୦ ଜଣ ସମ୍ବଳ ବ୍ୟକ୍ତି ଓ ତାଲିମଦାତା , ସଂଯୋଜକ ସମସ୍ତ ମିଶି ୬୫ ଜଣ ଯୋଗଦାନ କରିଥିଲେ ଓ ଉକ୍ତ ତାଲିମ କାର୍ଯକ୍ରମରେ ଭାଗ ନେଇଥିଲେ । କାର୍ଯକ୍ରମ ଟିକୁ ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ ପରିଚାଳନା କରିଥିଲେ।

# କେସିଙ୍ଗାରେ ବାଇପାସ ରାସ୍ତା ନେଇ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟିର ରାଜ୍ୟସଭା ସାଂସଦଙ୍କୁ ଦାବିପତ୍ର

## ପ୍ରକଳ୍ପକୁ ନେଇ ଟେକ୍ନିକାଲ ଦଳ ଓ ରୋଡ଼ ସେଫଟି ଦଳ ଜନମତ ସଂଗ୍ରହ କରିବେ : ସୁଜିତ କୁମାର

କେସିଙ୍ଗା,୨୫/୧ (ନି.ପ୍ର): କେସିଙ୍ଗାରେ ବାଇପାସ ଦାବୀ ନେଇ ଧିରେ ଧିରେ ବଢୁଛି ଜନ ସମର୍ଥନ ଲୋକେ ନିର୍ମାଣଧିନ ଆରଓବି ର ଜାତୀୟ ରାଜପଥ ସହ ସଂଯୋଗକୁ ନେଇ ଖୋଲା ଖୋଲି ବିରୋଧ ଆରମ୍ଭ କରିଛନ୍ତି । ଏନେଇ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ର ଆବାହକ ସୁରେଶ ରାଓ ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ରାଜ୍ୟସଭା ସାଂସଦ ସୁଜିତ କୁମାର ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଓ ନିର୍ମାଣଧିନ ଆରଓବି କେସିଙ୍ଗା ସହରରୁ ପ୍ରବେଶ କରି କେସିଙ୍ଗା ସହରର ମଧ ଭାଗ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ଜାତୀୟ ରାଜପଥରେ ସଂଯୋଗ ହେଲା ଭଳି ରାଜପଥ ବିଭାଗ ତରଫରୁ ଯୋଜନା ରଖାଯାଇଛି ଯଦି ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସଂଯୋଗ ହୁଏ ତାହେଲେ ସ୍ଥିତି ଭୟାବହ ହେବା ସହ ଜଟିଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ଓ କେସିଙ୍ଗା ସହର ସଙ୍କୁଚିତ ହେବା ସଙ୍ଗେ ସଙ୍ଗେ ପ୍ରଗତି ରେ ବାଧା ସୃଷ୍ଟି କରିବ ବୋଲି ବାଇପାସ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ତାଙ୍କୁ ଅବଗତ କରାଯାଇଥିଲା ଏବଂ ଆପଣ ଥରେ ଆସି ନିଜେ କ୍ଷେତ୍ର ପରିଦର୍ଶନ କରନ୍ତୁ ବୋଲି ତାଙ୍କୁ ଅନୁରୋଧ କରାଯାଇଥିଲା । ତେବେ ଲୋକଙ୍କ ଆବେଗକୁ ହୃଦୟଙ୍ଗମ କରି ରାଜ୍ୟସଭା ସାଂସଦ ସୁଜିତ କୁମାର ୩୨୬ କୋଟି ଭଳି ଏକ ବୃହତ ପ୍ରକଳ୍ପ ଦ୍ୱାରା ଯଦି ଲୋକଙ୍କ ଅସୁବିଧା ହେଉଛି ତାହେଲେ ଏହାର ସମୀକ୍ଷା ହେବା ଆବଶ୍ୟକ ରହିଛି ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ଏହି ପ୍ରକଳ୍ପ ଦ୍ୱାରା ଲୋକେ କେତେ ଲାଭନ୍ୱିତ ହେଉଛନ୍ତି ସେଥିପାଇଁ ଏକ ଟେକ୍ନିକାଲ ଦଳ ଓ ରୋଡ଼ ସେଫଟି ବିଭାଗ ଦ୍ୱାରା ଲୋକଙ୍କ ସହ ଆଲୋଚନା ପରେ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ବିନା ଗ୍ରାମସଭାରେ କିଭଳି ଏତେ ବଡ଼ ପ୍ରକଳ୍ପ ନିର୍ମାଣ କରାଯାଉଛି ତାକୁନେଇ ସେ ପ୍ରଶ୍ନ ଉଠାଇଛନ୍ତି ନିଶ୍ଚୟ ଗ୍ରାମସଭା ହୋଇଥିବ ବୋଲି ସେ ପଚାରି ଥିଲେ । ତେବେ ବାଇପାସ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଗ୍ରାମସଭା ହୋଇଛି ଏବଂ ଗ୍ରାମସଭା ରେ କୁରଲୁ ପଡା ଛକ ଠାରୁ ଯୋଲକୋ ପର୍ଯ୍ୟନ୍ତ ସହର ଦୂରରେ ତେଲନଦୀ ପାଖାପାଖି ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା କିନ୍ତୁ



କିଛି ବଡ଼ ବଡକିଆ ଙ୍କ ପାଇଁ ରାତାରାତି ପ୍ଲାନ କୁ ପରିବର୍ତ୍ତନ କରି ସହର ଭିତରୁ ପ୍ରବେଶ କରି ସହର ମଧ୍ୟବର୍ତ୍ତୀ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସଂଯୋଗ କରିବା ଦୁର୍ଭାଗ୍ୟ ଜନକ ବୋଲି ତାଙ୍କୁ ଅବଗତ କରାଯାଇଥିଲା । ଆପଣ ମାନେ ଠିକ କହୁଛନ୍ତି ଏହା ଦ୍ୱାରା କେସିଙ୍ଗା ସହର ବାଧାପ୍ରାପ୍ତ ହେବ ଓ ଜନବସତି ରେ ନିଶ୍ଚୟ ଅସୁବିଧା ସୃଷ୍ଟି କରିବ ଯଦି କେସିଙ୍ଗା ସହରରୁ ତେଲନଦୀ ପାଖାପାଖି ବାଇପାସ ନିର୍ମାଣ ହେଲେ କେସିଙ୍ଗା ସହରର ବ୍ୟବସାୟ ଓ ଜନବସତି ବଢିବ ମୁଁ ଚେଷ୍ଟା କରିବି ଟେକ୍ନିକାଲ ଟିମ ଓ ରୋଡ଼ ସେଫଟି ବିଭାଗ ନ ଆସିବାଯାଏ ନିର୍ମାଣଧିନ ଆରଓବି କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ମୁଁ ପ୍ରସ୍ତାବ ରଖିବି ବୋଲି ରାଜ୍ୟସଭା ସାଂସଦ ଶ୍ରୀ କୁମାର ପ୍ରକାଶ କରିଥିଲେ । ଏହି ସାକ୍ଷାତକାରରେ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ର ବରିଷ୍ଠ ସଦସ୍ୟ ମହେନ୍ଦ୍ର ନାଏକ,ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଜଗମୋହନ ସାହୁ, ଦେବେନ୍ଦ୍ର ଭୁଜବଳ, ଉମେଶ ନାୟକ, ଦୟାନିଧି ସୁନାନୀ, ନିତ୍ୟାନନ୍ଦ ସାହୁ,ରାମ ସାହା, ସୁରେନ୍ଦ୍ର ଭୋଇ ପ୍ରମୁଖଙ୍କ ସହ କ୍ରିୟାନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

## ସଂପାଦକୀୟ

# ଦେଶପ୍ରତି ସମ୍ମାନ

ହାସ୍ୟକାର ଅଭିନେତା ବୀର୍ ଦାସ । ଆମେରିକାର ରାଜଧାନୀ ୱାଶିଂଟନ ଡିସିସ୍ଥିତ ଜନ୍ ଏଫ୍ କେନେଡି ସେଂଟରରେ 'ଆଇ କମ୍ ଫ୍ରମ ଟୁ ଇଣ୍ଡିଆସ୍' ଶୀର୍ଷକ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ଏକ ୭ ମିନିଟର ଭିଡିଓ ୟୁଟ୍ୟୁବରେ ପ୍ରସାରିତ ହୋଇଛି । ଯେଉଁଥିରେ ସେ କହୁଛନ୍ତି ମୁଁ ଏପରି ଏକ ଦେଶରୁ ଆସିଛି ତାହା ଦୁଇ ପ୍ରକାର । ଯେଉଁଠି ଦିନବେଳା ମହିଳାଙ୍କୁ ପୂଜା କରାଯାଏ କିନ୍ତୁ ରାତିରେ ଗଣବଳତ୍କାର କରାଯାଏ । ବୀର୍ ଦାସ ଦେଶ ବିରୋଧରେ ଆହୁରି ଏପରି ଅପଶବ୍ଦ ପ୍ରୟୋଗ କରିଛନ୍ତି ତାହା ବର୍ଣ୍ଣନା ନ କରିବା ଭଲ । ସେ ଯେଉଁଠାରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ସେ ବୀର୍ ଦାସ ରୂପେ ତିଆରି ହୋଇଛନ୍ତି, ଯେଉଁଠାରୁ ସେ ଧନ ଅର୍ଜନ କରୁଛନ୍ତି, ଯେଉଁଠି ଲୋକପ୍ରିୟତା ହାସଲ କରିଛନ୍ତି, ସେହି ଦେଶ ବିରୋଧରେ ଆମେରିକାରେ ଯେଉଁ ଅପଶବ୍ଦ କହିଛନ୍ତି ତାହ ଅକ୍ଷମଣୀୟ । ଏଘଟଣା ଚାରିଆଡେ ଯୋରଦାର ବିରୋଧ ହେବାପରେ ନିଜର ସ୍ପଷ୍ଟିକରଣରେ କହିଛନ୍ତି ଯେ, ସେ କେବଳ ଭାରତ ବିରୋଧାଭାସକୁ ସାମନାକୁ ଆଣିଛନ୍ତି । ଭାରତ ଏକ ମହାନ ଦେଶ ଏବଂ ଆମେ ଆମର ମହାନତାକୁ ମନେରଖିବା ଉଚିତ । ସାତ ମିନିଟର ଭିଡିଓର ଶେଷରେ ଯେଉଁ ତାଳି ହୋଇଛି ତାହା ଭାରତ ପ୍ରତି ଦେଶଭକ୍ତିର ପ୍ରମାଣ । ଏବେ ପ୍ରଶ୍ନ ହେଉଛି ଦେଶଭକ୍ତିର ଏହି ପ୍ରମାଣ ହାସଲ ପାଇଁ ବୀର୍ ଦାସକୁ ନିଜ ଦେଶ ବିରୋଧରେ ଅପପ୍ରଚାର କରିବାର କଣ ଆବଶ୍ୟକ ଥିଲା ? ଏହିପରି ଭ୍ରାତାଙ୍କ ବଦନକୁ ଆମ ଦେଶ ଚିହ୍ନିବା ଦରକାର । ଏହିପରି ଲୋକ ଆମ ଦେଶକୁ ବିକି ପଇସା କମାଇବାରେ ବ୍ୟସ୍ତ । ଏବେ ଚିନ୍ତା କରନ୍ତୁ ଆଜି ଯଦି ଭାରତର ବଡ ବଡ କ୍ରାନ୍ତିକାରୀମାନେ ଥାନ୍ତେ, ଯେଉଁମାନେ କି ନିଜର ଜୀବନ ବଳିଦାନ ଦେଇ ଭାରତକୁ ସ୍ୱାଧୀନ କରିଛନ୍ତି, ଏହିପରି ଲୋକମାନଙ୍କୁ ଦେଖିଲା ପରେ ସେମାନଙ୍କର ଆତ୍ମା କିପରି ହେଉଥିବ। ଆମ ଦେଶରେ ଅନେକ କାର୍ଟୁନିଷ୍ଟ ଅଛନ୍ତି, ଅନେକ ହାସ୍ୟ ଅଭିନେତା ଅଛନ୍ତି, ଅନେକ ନେତା ଅଛନ୍ତି କିନ୍ତୁ ସମସ୍ତେ ଏକାପରି ନୁହଁନ୍ତି । ଯେଉଁମାନେ ଦେଶ ବିରୋଧରେ ଏପରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଯଦି ଏମାନଙ୍କ ବିରୋଧରେ ଦେଶ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ସେମାନେ ସୀମା ଟିପିଯିବେ, ଦିନକୁ ଦିନ ସେମାନଙ୍କର ସାହସ ବଢିବା ସହିତ ସେମାନଙ୍କର ସଂଖ୍ୟା ବଢିଚାଲିବ । ସାରା ବିଶ୍ୱକୁ ଏହି ସନ୍ଦେଶ ଯିବ ଯେ ଭାରତର ଲୋକ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ନିଜ ଦେଶକୁ ବିକି ପାରିବେ, ଖଣ୍ଡିତ କରିପାରିବେ, ଦେଶ ସହିତ ପ୍ରତାରଣା କରିପାବେ, ନିଜର ଚରିତାର୍ଥ ପୁରଣ କରିବା ପାଇଁ ଦେଶର ଛବିକୁ ଖରାପ କରିଦେଇ ପାରିବେ । ଏବେ ପ୍ରଶ୍ନ ଉଠୁଛି ଲୋକଙ୍କର ଏପରି ମାନସିକତା କେତେ ଦିନ ପର୍ଯ୍ୟନ୍ତ ? ଦେଶର ସମ୍ମାନକୁ ଆଘାତ ଦେଉଥିବା ମାନସିକତା କେବେ ଶେଷ ହେବ ? ଯଦି କୌଣସି ବ୍ୟକ୍ତି ସମାଜ କିମ୍ବା ଦେଶକୁ ମହାନ ହେବାକୁ ଚାହେଁ ତେବେ ତାଙ୍କ ପାଇଁ ସମ୍ମାନ ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅନ୍ୟ ଦେଶକୁ ଯାଇ ଯଦି ଦେଶପ୍ରତି ସମ୍ମାନର ଭାବନା ଜାଗ୍ରତ ନକରି ପାରିଲ ତେବେ ସବୁ ଆଶା, ସବୁ ଭରସା ଓ ସମ୍ମାନ ପାଣି ଫୋଟକା ପରି ମିଳେଇଯିବ ।

# ସେବା ହିଁ ଧର୍ମ

**ଅଧ୍ୟାପକ ଗୋବିନ୍ଦ ସାହୁ**

ମାନବ ସେବା ହିଁ ମାଧବ ସେବା' । ସ୍ୱାର୍ଥସର୍ବସ୍ୱ ଜୀବନ ବ୍ୟର୍ଥ । ଯେଉଁ ମଣିଷ ନିଜେ ବସବାସ କରୁଥିବା ସଂସାରର ହିତ ଚାହେଁନା ତା' ଜୀବନ ପଶୁବତ୍ । ଶାସ୍ତ୍ରରେ ଅଛି : "ପରୋପକାରଃ ପୁଣ୍ୟାୟ ପାପାୟ ପର ପୀଡ଼ନମ୍" । ବାଇବେଲ୍‌ରେ ମଧ୍ୟ ଅନ୍ୟର ସେବା କରିବା ଉଦ୍ଦେଶ୍ୟରେ ଉଲ୍ଲେଖ ଅଛି - "Whoever is kind to the poor lends to the LORD, and he will reward them for what they have done." (NIV Proverb ୧୯:୧୭)

ଜଗନ୍ନାଥ ଦାସଙ୍କ ଭାଷାରେ:<br>'ଏ ଆତ୍ମାଜ୍ଞାନୀଙ୍କର ସାର ।<br>ସଂସାରେ ଜନଉପକାର' ॥୫॥<br>(ତୃତୀୟ ସ୍କନ୍ଧ, ପ୍ରଥମ ଅଧ୍ୟାୟ, ଓଡ଼ିଆ ଭାଗବତ)

ଅର୍ଥାତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଚିତ । ଧର୍ମର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଗଲେ ହିଁ ଦେଶ ତଥା ମାନବ ସମାଜର ସାମଗ୍ରୀକ ଉନ୍ନତି ସାଧନ ହେବ ।

ଶିକ୍ଷଣ ସହ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଦ୍ଦେଶ୍ୟରେ ଦେଶର ଶିକ୍ଷାନୁଷ୍ଠାନ ମାନଙ୍କରେ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଏନ୍‌ସିସି, ଭାରତ ସ୍କାଉଟ୍ ଓ ଗାଇଡ୍‌ର ଶାଖାମାନ ଖୋଲି ଛାତ୍ରଛାତ୍ରୀଙ୍କୁ ଦେଶମାତୃକାର ସେବା କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି । ମାନବିକତା, ନିରପେକ୍ଷାତା, ନିଷ୍ପକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା, ସର୍ବବ୍ୟାପକତା ଭଳି ସାତୋଟି ମୂଳ ସିଦ୍ଧାନ୍ତ ଉପରେ ଆଧାରିତ ରେଡକ୍ରସ୍ ଆନ୍ଦୋଳନରେ ୧୯୨୦ରୁ ସାମିଲ ହୋଇଥିବା ଭାରତ ୧୯୨୫ ମସିହାରୁ ଯୁବଗୋଷ୍ଠୀକୁ ସେବାକାର୍ଯ୍ୟରେ ସାମିଲ କରିବା ଆରମ୍ଭ କଲା । ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ସ୍ୱେଚ୍ଛାସେବୀ ମାନବବାଦୀ କାର୍ଯ୍ୟରେ ନିୟୋଜିତ । ୧୪ ରୁ ୧୭ ବର୍ଷ ପର୍ଯ୍ୟନ୍ତ ଜୁନିୟର ରେଡକ୍ରସ୍ ଓ ୧୮ ରୁ ୩୦ ବର୍ଷ ମଧ୍ୟରେ ୟୁଥ୍ ରେଡ୍‌କ୍ରସ୍‌ରେ ସାମିଲ ହେବାର ସୁଯୋଗ ପାଇ ଛାତ୍ରଛାତ୍ରୀ ନିଜର ଶକ୍ତି, ଯୋଜନା ଓ ଅଭିନବୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରି ଥାଆନ୍ତି । ଏହି ସବୁ ୟୁନିଟ ଜଣେ ଜଣେ ପରାମର୍ଶଦାତାଙ୍କ ନେତୃତ୍ୱରେ ନିଜ ନିଜ ଶିକ୍ଷାନୁଷ୍ଠାନ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ କ୍ୟାମ୍ପରେ ସାମିଲ ହୋଇ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ପ୍ରାକୃତିକ ଓ ମାନବକୃତ ଆପଦ କାଳରେ ସହାୟତା ପ୍ରଦାନ, ପରିବାର ପୁନଃମିଳନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଏଚ୍‌ଆଇଭି/ଏଡ୍‌ସ୍ ସଚେତନତା, ସଡ଼କ ସୁରକ୍ଷା, ଆଇନ ସଚେତନତା ଭଳି ବିଭିନ୍ନ ସାମୁଦାୟିକ କଲ୍ୟାଣ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥାଆନ୍ତି ।

ଦେଶରେ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ୱେଚ୍ଛାକୃତ ଜାତୀୟ ସେବା ସଂସ୍ଥା ଆରମ୍ଭ କରିବା ପାଇଁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସୁପାରିଶ କ୍ରମେ ୧୯୬୯ ମସିହା ୨୪ ସେପ୍ଟେମ୍ବର ଦିନ ଦେଶର ୩୭ଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୁଭାରମ୍ଭ ହେଲା । ସେ ସମୟର ସ୍ୱେଚ୍ଛାସେବୀ ସଂଖ୍ୟା ୪୦୦୦୦ ଥିଲା, ଯାହା ବର୍ତମାନ ୩୯୬ଟି ବିଶ୍ୱବିଦ୍ୟାଳୟ/ +୨ କାଉନସିଲ, ୧୬,୩୩୧ଟି ମହାବିଦ୍ୟାଳୟ/ ବୈଷୟିକ ଅନୁଷ୍ଠାନ, ୨୮,୬୨୧ଟି ସିନିୟର ସେକେଣ୍ଡାରୀ ସ୍କୁଲରେ ସମୁଦାୟ ୪୧,୪୪୨ ଟି ୟୁନିଟରେ ୩.୮୬ ମିଲିୟନ୍ ସ୍ୱେଚ୍ଛାସେବୀ ପଞ୍ଜିକୃତ ।

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ଯୋଜନାରେ ଏକାଦଶ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନେ ସାମୁଦାୟିକ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାଆନ୍ତି । ଅଭାବୀ ଲୋକଙ୍କୁ ସହାୟତା କରିବାକୁ ବଦ୍ଧପରିକର ଏହି ସ୍ୱେଚ୍ଛାସେବୀମାନେ ସେବାକାର୍ଯ୍ୟ ସମୟରେ ପରିଧାନ କରୁଥିବା ବ୍ୟାଜ୍ ଦେଶସେବାରେ ଅହର୍ନିଶି ପ୍ରସ୍ତୁତ ଥିବାର ସୂଚୀତ କରିଥାଏ । ସେବା ମଧ୍ୟରେ ଜାତୀୟ ସଂହତି କ୍ୟାମ୍ପ, ଶ୍ରମଦାନ, ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷରୋପଣ, ବିପର୍ଯ୍ୟୟ ପ୍ରଶମନ, ପ୍ରତିଶେଧନ ତଥା ଦୁଃସାହସିକ କାର୍ଯ୍ୟରେ ଭାଗନେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ସେବା ମାଧ୍ୟମରେ ଯୁବଗୋଷ୍ଠୀ ମଧ୍ୟରେ ଜାତୀୟତାଭାବ ଜାଗ୍ରତ ହେବା ସହ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାକୁ ତାଙ୍କୁ ଯଥେଷ୍ଟ ଅବକାଶ ମିଳିଥାଏ । ସେଥି ସକାଶେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଯୁବଗୋଷ୍ଠୀର ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଜାତୀୟ ସଂହତି ଶିବିର, ଜାତୀୟ ଯୁବ ଉତ୍ସବ, ପର୍ବତାରୋହଣ, ପାରା ସେଲିଙ୍ଗ୍ ଓ ବେସିକ୍ ସ୍କାଇଙ୍ଗ୍ ଭଳି ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

୧୯୪୮ ରେ ପ୍ରତିଷ୍ଠିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମଧ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ସ୍ୱେଚ୍ଛାସେବୀ ସଂଗଠନ । ଏହା ମାଧ୍ୟମରେ ଦେଶବ୍ୟାପୀ ଶିକ୍ଷାନୁଷ୍ଠାନ ମାନଙ୍କରେ ସେନାଛାତ୍ରମାନଙ୍କୁ ନିଯୁକ୍ତ କରି ମୌଳିକ ସୈନ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଏ । "ଏକତା ଓ ଅନୁଶାସନ"କୁ ନିଜ ଆଦର୍ଶ ରୂପେ ଗ୍ରହଣ କରି ସ୍ୱେଚ୍ଛାସେବୀ ବାର୍ଷିକ ମିଳିତ ପ୍ରଶିକ୍ଷଣ ଶିବିର, ଜାତୀୟ ସଂହତି ଶିବିର, ଉନ୍ନତ ନେତୃତ୍ୱ ଶିବିର, ସେନା ସଂଲଗ୍ନ ଶିବିର, ହାଇକିଂ ଓ ଟ୍ରେକିଂ ଶିବିର, ସର୍ବଭାରତୀୟ ନୌକ୍ରୀଡ଼ା, ପର୍ବତାରୋହଣ ଶିବିର ସମେତ ସ୍ଥଳସେନା, ବାୟୁସେନା ଓ ନୌସେନା ଶିବିର ବ୍ୟତୀତ ଗଣତନ୍ତ୍ର ଦିବସ ଶିବିର ଏବଂ ମିତ୍ରରାଷ୍ଟ୍ରମାନଙ୍କ ସହ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ଦେଶର ଏକତ୍ରିତ, ଧର୍ମନିରପେକ୍ଷ ଓ ଶୃଙ୍ଖଳିତ ନାଗରୀକ ରୂପେ ଗଢ଼ିବାର ସୁଯୋଗ ପାଇଥାଆନ୍ତି । ୧୯୬୫ ଓ ୧୯୭୧ ଯୁଦ୍ଧକାଳରେ ସମର ଶିକ୍ଷାର୍ଥୀ ବାହିନୀ ନିଜର ଶୌର୍ଯ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛି । ସଂପ୍ରତି ଦେଶର ୧୭ ନିର୍ଦ୍ଦେଶାଳୟ ଅଧିନରେ ୬୮୪ ସ୍ଥଳସେନା, ୬୯ ନୌସେନା ଓ ୬୧ ବାୟୁସେନା ୟୁନିଟ୍ ସମେତ ୮୧୪ ୟୁନିଟ୍‌ରେ ପ୍ରାୟ ୧.୫ ମିଲିୟନ ସେନାଛାତ୍ର ସେବାରତ ।

ସ୍ୱାଧୀନ ଭାରତରେ ନଭେମ୍ବର ୭, ୧୯୫୦ ରେ ପ୍ରତିଷ୍ଠିତ ଭାରତ ସ୍କାଉଟ୍ ଓ ଗାଇଡ୍‌ର ସ୍ୱେଚ୍ଛାସେବୀ ଈଶ୍ୱର ଓ ଦେଶ ପ୍ରତି କର୍ତବ୍ୟ, ଅନ୍ୟଙ୍କୁ ସାହାଯ୍ୟ କରିବା ସହ ସ୍କାଉଟର ସମସ୍ତ ନିୟମ ପାଳନ କରିବାକୁ ଶପଥ ନେଇ ଥାଆନ୍ତି । ସ୍ୱେଚ୍ଛାସେବୀମାନେ ବିଶ୍ୱାସଯୋଗ୍ୟ, ନିଷ୍ଠାବାନ, ଶିଷ୍ଟ, ସାହସୀ, ମିତବ୍ୟୟୀ, ମାନବ, ପଶୁ-ପକ୍ଷୀ ଓ ପ୍ରକୃତି ପ୍ରେମୀ ହେବା ସହ ଚିନ୍ତନ, କଥା ଓ କର୍ମରେ ଶୁଦ୍ଧ ରହିଥାଆନ୍ତି । ସଂପ୍ରତି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭାରତ ସ୍କାଉଟ୍ ୱିଙ୍ଗ୍‌ରେ ୩,୬୮୭,୧୨୭ ଓ ଗାଇଡ୍ ୱିଙ୍ଗ୍‌ରେ ୨,୦୦୮,୫୪୯ ଜଣ ସ୍ୱେଚ୍ଛାସେବୀ ସେବାରତ ।

ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଓ ଗାଇଡ୍ ଭଳି ସଂସ୍ଥା ସହିତ ଜଡ଼ିତ ହୋଇ ବ୍ୟକ୍ତିଗତ ସ୍ୱାର୍ଥରୁ ବହୁ ଉର୍ଦ୍ଧ୍ୱରେ ମାନବ ସମାଜ ତଥା ଇତର ପ୍ରାଣୀଙ୍କ ନିସ୍ୱାର୍ଥପର ସେବା ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାରେ ସମର୍ଥ ହୋଇଥାଆନ୍ତି । ଫଳତଃ, ଔପଚାରିକ ଶିକ୍ଷା ସମାପ୍ତ ପରେ ମଧ୍ୟ ସେମାନଙ୍କ ଭିତରେ ଥିବା ସ୍ୱେଚ୍ଛାସେବୀ ଗୁଣ ଉଜ୍ଜୀବିତ ହୋଇ ରହିଥାଏ ଏବଂ ସେମାନେ ଜୀବନ ତମାମ୍ "ପରୋପକାରଃ ପୁଣ୍ୟାୟ"କୁ ମୂଳମନ୍ତ୍ର କରିଥାଆନ୍ତି । ଯଦି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଛାତ୍ରାବସ୍ଥାରୁ ହିଁ ଦେଶର ସମସ୍ତ ଅଧିବାସୀ ଅନ୍ୟର ସେବାକୁ ହିଁ ଧର୍ମ ରୂପେ ପାଳନ କରିବେ, ଜାତୀୟ ସଂହତି ଅବଶ୍ୟ ପ୍ରତିଷ୍ଠା ହେବ ଏବଂ ମାନବ ସମାଜ ଏକତାର ସୂତ୍ରରେ ବାନ୍ଧି ହୋଇ ଯଥାର୍ଥରେ ବୈଶ୍ୱିକ ଗ୍ରାମ ପ୍ରତିଷ୍ଠା ଆଡ଼କୁ ଅଗ୍ରସର ହେବ ।

# ପ୍ରକୃତିର ଅନୁପମ ଉପହାର

**ପ୍ରଫେସର ସରୋଜ ଦାସ**

ପ୍ରାଚୀନ କାଳରୁ ହିଁ ଜଙ୍ଗଲ ବା ବନ ମଣିଷର ଜୀବନରେ ବିଶେଷ ଗୁରୁତ୍ୱ ରଖିଆସିଛି । ମାନବ ଜୀବନ ପାଇଁ ଏହା ପ୍ରକୃତିର ଅନୁପମ ଉପହାର । ଆମର ଜଙ୍ଗଲ କେବଳ ଗଛ-ବୃକ୍ଷରେ ସିମୀତ ନୁହେଁ, ବରଂ ଏହା ଅନେକ ଉପକାରୀ ଜୀବ ଜନ୍ତୁ ଏବଂ ଔଷଧମାନଙ୍କର ଭଣ୍ଡାର । ଜୀବନ ପାଇଁ ପୃଥିବୀରେ ଜଙ୍ଗଲର ଆବଶ୍ୟକତା ରହିଛି । ଆଉ ପ୍ରକୃତିର ସନ୍ତୁଳନକୁ ସମତୁଲ ରଖିବାରେ ଜଙ୍ଗଲ ପୂର୍ଣ୍ଣ ମାତ୍ରାରେ ସହାୟକ ହୋଇଥାଏ । ପ୍ରାଚୀନ କାଳରୁ ଆମର ପୂର୍ବପୁରୁଷ, ଋଷି-ମୁନି ଓ ସନ୍ଥମାନଙ୍କ ପାଇଁ ବନ ତପସ୍ୟାର ପ୍ରମୁଖ ସ୍ଥାନ ରହି ଆସିଛି । ଏହି ବନାଂଚଳରେ ମହାନ ଋଷି ମାନଙ୍କର ଆଶ୍ରମ ରହିଥିବା ବେଳେ ସନ୍ଥ ଓ ସେମାନଙ୍କର ଶିଷ୍ୟ ମଧ୍ୟ ରହୁଥିଲେ । ସମାଜରେ ସେମାନଙ୍କର ବିଶେଷ ସ୍ଥାନ ଥିଲା ଓ ସେମାନଙ୍କୁ ଲୋକମାନେ ପୂର୍ଣ୍ଣ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ କରୁଥିଲେ ।

ପୂର୍ବର ଚିକିତ୍ସକ ଏବଂ ବୈଦ୍ୟମାନଙ୍କ ପାଇଁ ବନ ମହାନ ଔଷଧର ଉତ୍ସ ଥିଲା । ରାମାୟଣ କାହାଣୀରେ ମେଘନାଦର ଅମୋଘ ଅସ୍ତ୍ର ପ୍ରହାରରେ ଲକ୍ଷ୍ମଣଙ୍କର ଜୀବନ ବଂଚାଇବା ପାଇଁ ସଂଜୀବନୀ ବନରେ ହିଁ ଉପଲବ୍ଧ ଥିଲା । ବୃନ୍ଦାବନର ଭଗବାନ ଶ୍ରୀକୃଷ୍ଣ ଏବଂ ରାଧିକାଙ୍କ ପବିତ୍ର ପ୍ରେମ ସହିତ ସିଧା ସଂପର୍କ ରହିଛି ବନର । ତାଙ୍କର ଏହି ସଂପର୍କ ଦେବୀ ଦେବତାଙ୍କ ପ୍ରକୃତି ପ୍ରେମକୁ ଦର୍ଶାଇଥାଏ । ଜଙ୍ଗଲରେ ଅନେକ ପ୍ରକାର ଗଛ ବୃକ୍ଷର ଭଣ୍ଡାର ରହିଛି, ଯାହା ମଣିଷ ପାଇଁ ଉପଯୋଗୀ । ଅଶ୍ୱତ୍‌ଥ ବୃକ୍ଷ ଆମ ପାଇଁ ଆଧ୍ୟାତ୍ମିକ ଆବଶ୍ୟକତା ସହ ଅତ୍ୟନ୍ତ ଗୁଣକାରୀ ମଧ୍ୟ ଅଟେ । କାରଣ ଏହି ବୃକ୍ଷ ଅନ୍ୟ ବୃକ୍ଷମାନଙ୍କ ତୁଳନାରେ ଆମକୁ ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରିଥାଏ । ଏହା ଛଡ଼ା ଲିମ୍ବ, ବବୁଲ, ତୁଳସୀ, ଅଁଳା ଆଦି ବୃକ୍ଷ ଆମକୁ ଔଷଧୀୟ ଆକାରରେ ମିଳିଥାଏ ।

ବନ କେବଳ ମଣିଷଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଆବଶ୍ୟକ । ଏମାନଙ୍କ ଯୋଗୁ ପ୍ରକୃତି ନିଜର ସନ୍ତୁଳନ ବଜାୟ ରଖିବାରେ ସମର୍ଥ ହୋଇଥାଏ । ଲୋକମାନେ ମନ ଇଚ୍ଛା ଜଙ୍ଗଲ କାଟୁଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଜୀବଜନ୍ତୁ ଓ ଗଛ ବୃକ୍ଷ ଲୁପ୍ତ ହୋଇ ଗଲେଣି, ଯାହା ମଣିଷ ସମାଜ ପାଇଁ ବିପଦ ହେବାରେ ଲାଗିଛି । ଜଙ୍ଗଲର ରାଜା ସିଂହମାନଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ହ୍ରାସ ପାଇ ଚାଲିଛି । ଜଙ୍ଗଲୀ ହାତୀମାନଙ୍କ ସଂଖ୍ୟା ମଧ୍ୟ ଲଗାତାର କମି ଚାଲିଛି । ଏହି ଭୟାନକ ଅବସ୍ଥା ଅନ୍ୟ ଜୀବଜନ୍ତୁଙ୍କ କ୍ଷେତ୍ରରେ ମଧ୍ୟ ଦେଖାଗଲାଣି । ଋତୁଚକ୍ର ଓ ପ୍ରକୃତିରେ ସନ୍ତୁଳନ ବଜାୟ ରଖିବାରେ ଜଙ୍ଗଲ ହିଁ ସକ୍ଷମ ହୋଇଥାଏ । ଅଧିକ ବର୍ଷା ସମୟରେ ଜଙ୍ଗଲ ମାଟି କ୍ଷୟକୁ ଅଟକାଇଥାଏ ତଥା ତାହାର ଉର୍ବର ଶକ୍ତିକୁ ବଜାୟ ରଖିବାରେ ସହଯୋଗ ଦେଇଥାଏ । ଗଛ ବୃକ୍ଷ ନିଜ ଚେର ଦ୍ୱାରା ପୃଥିବୀର ଜଳକୁ ଶୋଷି ନିଏ, ଯାହା ପୁଣି ବାଷ୍ପ ହୋଇ ବାୟୁ ମଣ୍ଡଳରେ ବାଦଲ ରୂପ ଧାରଣ କରେ । ପରିଣାମ ସ୍ୱରୂପ ବର୍ଷା ହୋଇଥାଏ ଓ ଏହି ଚକ୍ର ନିରନ୍ତର ଚାଲିଥାଏ । ପ୍ରକୃତିର ଏହି ବ୍ୟବସ୍ଥା ମାନବ ସମାଜର ଉପକାର କରିଥାଏ । କିନ୍ତୁ ମଣିଷ ନିଜର ସ୍ୱାର୍ଥ ପାଇଁ ଜଙ୍ଗଲ କାଟିବାକୁ ପଛାଉ ନାହିଁ । ଏଣୁ ଧୀରେ ଧୀରେ ଜଙ୍ଗଲ ସଫା ହୋଇ ଚାଲିଛି । କେବଳ ଏତିକି ନୁହେଁ, ମାଟିକୁ ନଷ୍ଟ କରିବା ମଧ୍ୟ ବଢ଼ି ଚାଲିଛି । ଏହାଦ୍ୱାରା ଜଳାଶୟ ଗୁଡ଼ିକ ଦିନକୁ ଦିନ ଶୁଖି ଚାଲିଛି । ଲଗାତାର ପାଣିର ଅଭାବ ଯୋଗୁ ଜଳୀୟ ଜୀବମାନଙ୍କ ଅସ୍ତିତ୍ୱ ବିପଦ ଘେରକୁ ଆସି ଗଲାଣି । ଗଛ ବୃକ୍ଷ ପରିବେଶକୁ ବିଶୁଦ୍ଧ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଘର, ମୋଟର ଗାଡ଼ି ଓ କଳକାରଖାନାରୁ ବାହରୁଥିବା କାର୍ବନ-ଡ଼ାଇଅକ୍ସାଇଡ଼କୁ ଗଛ-ବୃକ୍ଷ ଶୋଷି ନିଅନ୍ତି, ଯଦ୍ୱାରା ପରିବେଶରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସହାୟତା ମିଳିଥାଏ । ଅର୍ଥାତ୍ ଗଛ-ବୃକ୍ଷ ପରିବେଶକୁ ନିଜ ନିୟନ୍ତ୍ରଣରେ ରଖିଥାଆନ୍ତି ।

ତେବେ ଗଛ-ବୃକ୍ଷ କେବଳ ମଣିଷ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ଅତି ଆବଶ୍ୟକ । ଏମାନଙ୍କ ଅଭାବରେ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ଅସମ୍ଭବ । ଏଣୁ ଏମାନେ ଆମ ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ । ଏଣୁ ଆମେ ଜଙ୍ଗଲର ଗୁରୁତ୍ୱ ବୁଝିବା ଉଚିତ । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମସ୍ତେ ମିଳିମିଶି କରିବାର ଆବଶ୍ୟକତା ରହିଛି । ବୃକ୍ଷ ରୋପଣ କାର୍ଯ୍ୟକୁ ଅଧିକରୁ ଅଧିକ ପ୍ରସାର କରିବା ଉଚିତ ତଥା ଯେଉଁ ଜଙ୍ଗଲ ଗୁଡ଼ିକ ଖାଲି ହୋଇ ଗଲାଣି, ସେଠାରେ ଗଛ କାଟିବା ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ । ତେବେ ଅଧିକରୁ ଅଧିକ ଗଛ ଲଗାଇବା ସରକାରଙ୍କ ପ୍ରମୁଖ ଦାୟିତ୍ୱ ହୋବ ଉଚିତ । ଯେଉଁମାନେ ବେଆଇନ ଭାବେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା ଦଣ୍ଡର ବ୍ୟବସ୍ଥା ହେବା ଉଚିତ । କେବଳ ସରକାର କାହିଁକି ସମସ୍ତ ସମାଜସେବୀ ସଂସ୍ଥା ଓ ବିଶେଷତଃ ନବଯୁବକମାନଙ୍କୁ ବୃକ୍ଷ ରୋପଣ ଦିଗରେ ସଚେତନତା କରାଯିବା ଉଚିତ । ବୃକ୍ଷ ରୋପଣର ଉପକାର ସଂପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବା ପାଇଁ ଛାତ୍ର ଜୀବନରୁ ହିଁ ସେମାନଙ୍କୁ ସଚେତନ କରାଯିବା ଉଚିତ । ଏ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାକୁ ବେଳେବେଳେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବା ଉଚିତ । ଅତଏବ ଜଙ୍ଗଲ କେବଳ ମଣିଷ ଜୀବନ ପାଇଁ ନୁହେଁ, ବରଂ ଭଗବାନଙ୍କ ସୃଷ୍ଟିର ସମସ୍ତ ଜୀବ-ଜନ୍ତୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ପ୍ରାକୃତିକ ସନ୍ତୁଳନ ଓ ପରିବେଶର ସୁରକ୍ଷା ପାଇଁ ନିହାତି ଆବଶ୍ୟକ । ପ୍ରକୃତିର ଜୀବମାନଙ୍କ ପାଇଁ ଜଙ୍ଗଲର ପ୍ରମୁଖ ଭୂମିକା ରହିଛି । ଏହି ଅମୂଲ୍ୟ ସଂପଦକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଉତର ଦାୟିତ୍ୱ ହେବା ଉଚିତ । ଲଗାତାର ଜଙ୍ଗଲ କାଟି ସଫା କରିବା ହିଁ ମଣିଷ ସମାଜ ପାଇଁ ଏକ ଗମ୍ଭୀର ବିପଦ ହୋଇଛି । ଏଣୁ ଆମ ପ୍ରକୃତି ଓ ନିଜ ଜୀବନରେ ସବୁଜିମା ବଜାୟ ରଖିବା ପାଇଁ ବୃକ୍ଷ ରୋପଣ ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ ।

# ପାରିବାରିକ ଜୀବନରେ ଝଡ଼ଝଞ୍ଜା

**ଉମାଶଙ୍କର ରାଓ**

ଆଜିକାଲି ଆମ ସମାଜର ଅନେକ ପରିବାରରେ ଦାମ୍ପତ୍ୟ କଳହ ଅତି ଉଗ୍ର ରୂପ ଧାରଣ କରୁଥିବା ଦେଖିବାକୁ ମିଳିଛି । ଗାଁ ଠୁଁ ସହର, ଧନୀ ଓ ଗରିବ ଏବଂ ଶିକ୍ଷିତ ଓ ଅଶିକ୍ଷିତ ନିର୍ବିଶେଷରେ ଅଧିକାଂଶ ପତି-ପତ୍ନୀଙ୍କ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇ ଶେଷରେ ଏହା ସେମାନଙ୍କ ଦାମ୍ପତ୍ୟକୁ ଜାଳିପୋଡି ଛାରଖାର କରିଦେଉଛି । କେଉଁଠି ଯୌତୁକକୁ ନେଇ ବିବାଦ ତ କେଉଁଠି ପୁଣି ପାରସ୍ପରିକ ଚରିତ୍ରକୁ ନେଇ ସନ୍ଦେହ । ପୁଣି କେଉଁଠି ଉଭୟଙ୍କ କାର୍ଯ୍ୟକଳାପକୁ ନେଇ ମତାନ୍ତର ଓ ମନାନ୍ତର । ପତି-ପତ୍ନୀଙ୍କ ମନ ମିଶୁନି । କେହି କାହାରିକୁ ବୁଝିବା କିମ୍ବା ଗ୍ରହଣ କରିବାକୁ ନାରାଜ । ଏପରିସ୍ଥିତିରେ ଦାମ୍ପତ୍ୟ ଜୀବନ ବିଫଳ ହେଉଛି । କେତେକ କ୍ଷେତ୍ରରେ ପତି-ପତ୍ନୀଙ୍କ ଦାମ୍ପତ୍ୟ ଜୀବନକୁ ଯୋଡିବାକୁ ଉଭୟ ପରିବାରଙ୍କ ସହମତି କ୍ରମେ ତଥା ଥାନା ଓ କୋର୍ଟ କଚେରୀ ମାଧମରେ ମଧ ଉଦ୍ୟମ କରାଯାଉଛି । ଏଥିରୁ ହାତଗଣତି ସଫଳ ହେଉଛି । ଅବଶିଷ୍ଟ ବିଫଳ । ବିଶେଷକରି କର୍ମଜୀବୀ କିମ୍ବା ଯେକୌଣସି ଉପାୟରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇ ପାରିଥିବା ମହିଳାମାନେ ସେମାନଙ୍କ ସ୍ୱାମୀ କିମ୍ବା ଶଶୁର ଘର ଲୋକଙ୍କ କର୍ତୃତ୍ୱରେ ରହିବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଯଦି କେବେ ସାମାନ୍ୟ ବାଦବିବାଦ ବା ଝଡ଼ଝଞ୍ଜା ଦେଖା ଦେଲା ତେବେ ସେମାନେ ଏହାକୁ ଗୁରୁତର ଭାବେ ଗ୍ରହଣ କରି ବଡ ନିଷ୍ପତି ନେବାକୁ ପଛାଉ ନାହାନ୍ତି । ସବୁ ପରିବାରରେ ସମସ୍ୟା ଅଛି । ସମସ୍ତଙ୍କ ଦାମ୍ପତ୍ୟ ଜୀବନରେ ମାନ ମନାନ୍ତର ରହିଛି । ତେବେ ଏହାର କାରଣ ଓ ନିରାକରଣକୁ ନ ଖୋଜି ଅଲଗା ରହିବାର ଗୋଟେ ବଡ ନିଷ୍ପତି ନେଇଯିବା କ'ଣ ବୁଦ୍ଧିମାନର କାର୍ଯ୍ୟ ହେବ କି ? ଆଜି ଅନେକ ପରିବାରରେ ପତି ଦ୍ୱାରା ପତ୍ନୀ ନିର୍ଯାତିତା ହେଉଥିବା କଥା ଶୁଣିବାକୁ ମିଳିଥାଏ । ଏହା ଏକ ଚିରାଚରିତ ଓ ସାଧାରଣ ଅଭିଯୋଗରେ ପରିଣତ ହୋଇଛି । ତେବେ ଅନେକ ପତି ସେମାନଙ୍କ ପତ୍ନୀ ଦ୍ୱାରା ଯେ, ନାନା ଭାବେ ନିର୍ଯାତିତ ଓ ଅତ୍ୟାଚାରିତ ଆଉ ଏହାକୁ ସେମାନେ ଅଜାଗା ଘା' ଦେଖି ହୁଏନି କି ଦେଖାଇ ହୁଏନି ନ୍ୟାୟରେ ଗୋପନ ରଖୁଥିବା କାରଣରୁ ଏହା ଉପରେ ଆମ ସମାଜ ବିଶେଷ ଗୁରୁତ୍ୱ ଦିଏ ନାହିଁ । ଅଧିକ ଯୌତୁକ ପାଇଁ ହେଉ କି ସ୍ତ୍ରୀର ପରିକିୟାପ୍ରୀତି ଅଭିଯୋଗ ପାଇଁ ହେଉ ବିବାହିତ ମହିଳାଙ୍କୁ ନିର୍ଯାତନା ଦେବା, ଘରୁ ବାହାର କରିଦେବା, ଛାଡପତ୍ର ଦେବା ଓ ହତ୍ୟା କରିବା କିମ୍ବା ମୃତ୍ୟୁ ଲାଗି ବାଧ କରିବା ଭଳି ଅପରାଧିକ କାର୍ଯ୍ୟ ଘଟୁଥିବା ବେଳେ ବେରୋଜଗାର, ନିଶା ସେବନ ଓ ଏକାଧିକ ନାରୀଙ୍କ ସହ ଅନୈତିକ ସଂପର୍କ ଆଦି ଅଭିଯୋଗ ଆଧାରରେ ସ୍ୱାମୀଙ୍କୁ ଛାଡି ଦେଉଛି ସ୍ତ୍ରୀ । ଏହା ଦୈନିକ ବିଭିନ୍ନ ଗଣମାଧମରେ ପ୍ରସାରିତ ହେଉଥିବା ଦେଖିବାକୁ ମିଳୁଛି । ଖୁବ ବଡ ବଡ ଓ ପ୍ରତିଷ୍ଠିତ ଦମ୍ପତିଙ୍କ ମ୍ଧରେ ଏଭଳି ଘଟଣା ଘଟୁଥିବା ବେଳେ ସାଧାରଣରେ ଖୁବ୍ ଗୋଟେ ଚର୍ଚ୍ଚା ବି ହେଉଛି । ରାଜନୈତିକ ବ୍ୟକ୍ତିବିଶେଷ, କଳାକାର ଓ ବିଭିନ୍ନ ପ୍ରଶାସନିକ ବିଭାଗର ପଦାଧିକାରୀଙ୍କ କ୍ଷେତ୍ରରେ ଦାମ୍ପତ୍ୟ କଳହ ଅଧିକ ମାତ୍ରାରେ ଦୃଷ୍ଟିଗୋଚର ହେଉଛି । ଯେଉଁମାନେ ବିଭିନ୍ନ କାରଣରୁ ସମାଜରେ ମାନ ଓ ପ୍ରତିଷ୍ଠା ଅର୍ଜନ କରିଛନ୍ତି ଓ ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା କଥା ସେମାନଙ୍କ କ୍ଷେତ୍ରରେ ଯଦି ଏଭଳି ଘଟଣା ଘଟେ ତେବେ ସମାଜକୁ ସୁଧାରିବ କିଏ ? ଏହା ଏକ ସ୍ୱାଭାବିକ ପ୍ରଶ୍ନ ନୁହେଁ କି ?

ଦାମ୍ପତ୍ୟ ଜୀବନ ପାରସ୍ପରିକ ସୁସଂପର୍କ ଓ ଉତମ ବୁଝାମଣାକୁ ଆଧାର କରି ଦୀର୍ଘସ୍ଥାୟୀ ତଥା ସୁଖମୟ ହୋଇଥାଏ । ପତି ଓ ପତ୍ନୀଙ୍କ ମ୍ଧରେ ବିଶ୍ୱାସ, ଭରସା ଓ ନିର୍ଭେଜାଲ ଭଲପାଇବା ଉପରେ ଏକ ସୁଖୀ ଦାମ୍ପତ୍ୟ ଜୀବନର ଭିତିଭୂମି ଗଢି ଉଠିଥାଏ । ଶାସ୍ତ୍ର ମତାନୁସାରେ ଯେତେଦିନ ଯାଏଁ ପତି-ପତ୍ନୀଙ୍କ ମ୍ଧରେ ସମସ୍ତ ଗୋପନୀୟ ବିଷୟ ଗୋପନ ହୋଇ ରହିଥାଏ ସେତେଦିନ ଯାଏଁ ଦାମ୍ପତ୍ୟ ଜୀବନ ହସଖୁସିର ଚିରାଚରିତ ଧାରାରେ ଆଗେଇ ଚାଲିଥାଏ । ମାତ୍ର ଥରଟେ ଯଦି ଦାମ୍ପତ୍ୟ ଜୀବନାକାଶରେ ସନ୍ଦେହର କଳାବଦଲ ଘୋଟି ଆସେ ଓ ଦାମ୍ପତ୍ୟ ଜୀବନର ଗୋପନୀୟତା ଚାରିକାନ୍ଥ ଅତିକ୍ରମ କରି ପଦାକୁ ଚାଲିଆସେ ତେବେ ସେ ସଂପର୍କରେ ଭଟ୍ଟା ପଡିଯାଏ । ଆଜିକାଲି ଆମ ସମାଜରେ ଅଧିକାଂଶ ବିବାହ ପିତାମାତା ତଥା ପରିବାର ସଦସ୍ୟଙ୍କ ପସନ୍ଦରେ ନହୋଇ ପୁଅ ଝିଅଙ୍କ ରୁଚି ଓ ପସନ୍ଦ ଅନୁସାରେ ହେଉଥିବା ବେଳେ ବୈବାହିକ ଜୀବନର କିଛି ମାସ କିମ୍ବା ବର୍ଷ ପରେ ଏଥିରେ ତିକ୍ତତା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ଅର୍ଥାତ ଦାମ୍ପତ୍ୟ ଜୀବନ ଅସ'ଳ ହେଉଛି । ବିଭିନ୍ନ କାରଣରୁ ପତି-ପତ୍ନୀଙ୍କ ମଧୁର ସଂପର୍କରେ ଫାଟ ସୃଷ୍ଟି ହେବା ସହିତ ଘରୋଇ ହିଂସାର ରୂପଧାରଣ କରୁଛି । ବିଶେଷକରି ସମାଜରେ ଖୁବ୍ ଉଚ୍ଚଶିକ୍ଷିତ, ଧନଶାଳୀ, ପ୍ରତିଷ୍ଠା ଓ ପ୍ରତିପତି ଥିବା ପରିବାରର ବିବାହିତ ପୁଅଝିଅଙ୍କ କ୍ଷେତ୍ରରେ ଏହା ବେଶିମାତ୍ରାରେ ଦୃଷ୍ଟିଗୋଚର ହେଉଛି । ଉଚ୍ଚଶିକ୍ଷିତ ଓ ରୋଜଗାରକ୍ଷମ ପୁଅଝିଅମାନେ ଭୁଲଠିକ୍‌ର ତର୍ଜମା ନକରି ତଥା ପିତାମାତାଙ୍କ ଆଶା ବିଶ୍ୱାସକୁ ଜଳାଞ୍ଜଳି ଦେଇ କେବଳ ସାମୟିକ ଭାବପ୍ରବଣତାରେ ବଶବର୍ତୀ ହୋଇ ଆପଣାର ଜୀବନସାଥୀ ଚୟନ କରୁଛନ୍ତି । ବିଚରା ପିତାମାତା ପାରିବାରିକ ସମ୍ମାନ ଓ ପୁଅଝିଅଙ୍କ ସୁଖମୟ ଭବିଷ୍ୟତକୁ ଆଖିଆଗରେ ରଖି ବ୍ଯ୍ମହୋଇ ଏଥିରେ ସମ୍ମତି ପ୍ରଦାନ କରୁଛନ୍ତି । ମାତ୍ର ସ'ଳ ଦାମ୍ପତ୍ୟ ଜୀବନର ରହସ୍ୟକୁ ଭେଦ କରିବାକୁ ସକ୍ଷମ ନଥିବା ତଥା ପତି-ପତ୍ନୀର ପବିତ୍ର ସଂପର୍କର ପରିଭାଷା ବୁଝି ନଥିବା ପୁଅଝିଅ ମାନେ ଦାମ୍ପତ୍ୟ ଜୀବନକୁ ଏକ ସାମୟିକ ଖୁସି ଓ ଉପଭୋଗର ସମୟ ବୋଲି ବିଚାର କରୁଛନ୍ତି । 'ଳରେ ଦାମ୍ପତ୍ୟ ଜୀବନର ହସଖୁସି ଧୀରେ ଧୀରେ ିକା ପଡିବା ସହିତ ଶେଷରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡୁଛି । ଆଜିର ସମୟରେ ଦାମ୍ପତ୍ୟ କଳହ ଏକ ବଡ ପ୍ରସଙ୍ଗ ଭାବରେ ବିବେଚିତ ହେଉଛି । ଏକ ସୁଖୀ ତଥା ସଫଳ ଦାମ୍ପତ୍ୟ ଜୀବନ କେବଳ ଗୋଟିଏ ପରିବାରକୁ ସୁଖ ଶାନ୍ତି ପ୍ରଦାନ କରି ନଥାଏ ବରଂ ସମାଜକୁ ମାର୍ଜିତ ଓ ଶୃଙ୍ଖଳିତ କରି ଗଢି ତୋଳିଥାଏ । ତେଣୁ ଦାମ୍ପତ୍ୟ ଜୀବନରେ ଆସୁଥିବା ଝଡଝଞ୍ଜାକୁ ଉତମ ବୁଝାମଣା ଭିତିରେ ସମାଧାନ କରିବାକୁ ସବୁମତେ ଉଦ୍ୟମ କରାଯିବା ଉଚିତ୍ ।

# ମାଟିର ସୁରକ୍ଷା

ମା ସହିତ ମାଟିକୁ ତୁଳନା କଲେ କୌଣସି ଅତ୍ୟୁକ୍ତି ହେବନାହିଁ । ମା' ତାହାର ସନ୍ତାନକୁ ସ୍ତନ୍ୟପାନ କରାଇ ଛୋଟରୁ ବଡ଼ କରାଏ । ମାଟି ଆମକୁ ଖାଦ୍ୟ ପିନ୍ଧିବାକୁ ବସ୍ତ୍ର, ରହିବା ପାଇଁ ବାସ, ରୋଷେଇ ପାଇଁ ଜାଳେଣି, ରୋଗ ପାଇଁ ଔଷଧ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଯୋଗାଇଥାଏ । ମାଟିରେ ଆମର ପାନୀୟ ଜଳ ସଂରକ୍ଷିତ ହୋଇ ରହିଥାଏ । ମାଟିରେ ଜନ୍ମ ନେଇ ଶେଷରେ ଆମେ ମାଟିରେ ମିଶିଯାଉ । ତେଣୁ ମୁଠାଏ ମାଟି ସହିତ ଆମର ଜୀବନ ଯେ ଜଡ଼ିତ ଏଥିରୁ ପ୍ରମାଣ ମିଳେ । ସୃଷ୍ଟିର ଏହା ଏକ ବିଚିତ୍ର ନିୟମ । ମାଟି ଯେ କେବଳ ମାନବ ସମାଜ ସହିତ ସଂଶ୍ଳିଷ୍ଟ ଏହା ଠିକ୍ ନୁହେଁ, ମାଟି ଉପରେ ଏବଂ ମାଟି ଭିତରେ ଅସଂଖ୍ୟ ବୃହତ୍ ଏବଂ କ୍ଷୁଦ୍ର ଜୀବଜନ୍ତୁ ରହନ୍ତି । ବହୁ ପଶୁପକ୍ଷୀ ଏ ମାଟିରେ ବସବାସ କରନ୍ତି । ମାଟି ଉପର ଅପେକ୍ଷା ମାଟି ଭିତରେ ମଧ ବହୁ ଅଣୁ ଜୀବାଣୁ ବାସ କରନ୍ତି । ପରୀକ୍ଷାରୁ ଜଣାପଡ଼ିଛି ଯେ ଏକ ଟେବଲ ଚାମଚରେ ରହିପାରୁ ଥିବା ମାଟିରେ ପୃଥିବରେ ଲୋକସଂଖ୍ୟା ସହ ସମାନ ଅଣୁଜୀବାଣୁ ରହିଥାନ୍ତି । ସେମାନଙ୍କ ମଧରୁ କେତେକ ଉପକାରୀ ଏବଂ କିଛି ଅପକାରୀ ଜୀବାଣୁ ମଧ ଅଛନ୍ତି । ଏମାନେ ସମସ୍ତେ ନିଜ ନିଜର ଜୀବନ ବଂଚାଇବା ପାଇଁ ମାଟି ଉପରେ ଏବଂ ଭିତରେ ସଂଗ୍ରାମ କରନ୍ତି । କିନ୍ତୁ ମାଟି ପ୍ରତ୍ୟେକଙ୍କର ମା' ସଦୃଶ । ମାଟି ସହିତ ଆମର ଅନେକ ଧର୍ମଭାବ ଜଡ଼ିତ । ପର୍ବପର୍ବାଣୀରେ ମାଟିରେ ବିଭିନ୍ନ ଦେବଦେବୀଙ୍କର ମୂର୍ତ୍ତି ଗଢ଼ାଯାଏ । ଧୂପ, ଦୀପ ଓ ଫୁଲଚନ୍ଦନ ଅର୍ପଣ କରି ତାଙ୍କ ପାଖରେ ନିଜକୁ ସମର୍ପଣ କରିଥାଉ । ଶେଷର ମୃଣ୍ମୟ ମୂର୍ତ୍ତିଙ୍କୁ ପାଣିରେ ବିସର୍ଜନ କରି ମାଟିରେ ମିଶାଉ । ଏହା ଏକ ଧାର୍ମିକ ଚେତନା ଏବଂ ପରମ୍ପରା । ସନ୍ତାନ ମା'ଠାରୁ ଆଶୀର୍ବାଦ ପାଇବା ପାଇଁ ମା'ର ସେବା କରେ । ସେହିପରି ମାଟିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପାଇଁ ଆମେ ସଚେତନ ହେବା ଉଚିତ । ଏକ ସର୍ବେକ୍ଷଣରୁ ଜଣାଯାଏ ଯେ, କେବଳ ବର୍ଷାଜଳରେ ବର୍ଷକୁ ପ୍ରାୟ ୫ଟନ୍ ମାଟି ଧୋଇ ନଷ୍ଟ ହୁଏ । ଏହାଦ୍ୱାରା ମାଟି ଅନୁର୍ବର ହୁଏ । ଏହା କେବଳ ଆମର ଅସାବଧାନତା ଯୋଗୁଁ ହିଁ ହୁଏ । ମାଟିକୁ ଅଧିକ ଥର କର୍ଷଣ କରିବା ଏବଂ ଗଭୀର ଚାଷ କରିବା ଦ୍ୱାରା ମାଟି ଧୋଇହୋଇ ନଷ୍ଟ ହୁଏ । ଫସଲ ଚାଷ ଏବଂ ଗଛ ଲଗାଇବା ଦ୍ୱାରା ମାଟି ଗଛର ଚେର ଦ୍ୱାରା ଜାବୁଡ଼ି ହୋଇ ରହେ । ଗଛ କାଟିବା ଏବଂ ଜଙ୍ଗଲ ପୋଡ଼ିବା ଦ୍ୱାରା ମାଟି ଧୋଇ ହୋଇ ନଷ୍ଟ ହୁଏ । ମାଟି ମା'ର ସୁରକ୍ଷା ପାଇଁ ଆମେ ସର୍ବଦା ସଚେତନ ରହିବା ଉଚିତ ।

# ଲଙ୍କାପୁରୀ ଧ୍ୱଂସ



ଲଙ୍କାରେ ନିଆଁ ପ୍ରଭୁ ବଜରଙ୍ଗବାଲୀ ଲଗାଇଥିଲେ। କିନ୍ତୁ କଣ ଜାଣିଛନ୍ତି କି ଏହି ଘଟଣା ମାତା ପାର୍ବତୀଙ୍କ ଅଭିଶାପ କାରଣରୁ ହୋଇଥିଲା। ତେବେ ଜାଣନ୍ତୁ ଏପରି କଣ ହୋଇଥିଲା ଯେ ମା’ ପାର୍ବତୀ ଲଙ୍କା ଜଳିବାର ଅଭିଶାପ କାହିଁକି ଏବଂ କିପରି ଦେଇଥିଲେ।

ଉଲ୍ଲେଖ ରହିଛି ଥରେ ମାତା ପାର୍ବତୀ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ କୈଳାସରେ ଭୋଜନ କରିବାକୁ ଆମନ୍ତ୍ରିତ କରିଥିଲେ। ସେହି ସମୟରେ ମା’ ଲକ୍ଷ୍ମୀ ପାର୍ବତୀଙ୍କୁ ପଚାରିଥିଲେ ଆପଣ ଏପରି ଥଣ୍ଡା ପବନ ମଧ୍ୟରେ କିପରି ରହୁଛନ୍ତି। ଏପରି କଥା ମାତା ପାର୍ବତୀଙ୍କୁ ଖୁବ୍ ଆହତ କରିଥିଲା। କିଛି ଦିନ ପରେ ମାତା ଲକ୍ଷ୍ମୀ ଦେବୀ ପାର୍ବତୀଙ୍କୁ ନିଜର ବୈକୁଣ୍ଠ ଧାମକୁ ନିମନ୍ତ୍ରଣ କରିଥିଲେ। ଏହାପରେ ଦେବୀ ପାର୍ବତୀ ମାତା ଲକ୍ଷ୍ମୀଙ୍କ ନିମନ୍ତ୍ରଣରେ ଭଗବାନ ଶଙ୍କରଙ୍କ ସହ ବୈକୁଣ୍ଠରେ ପହଞ୍ଚିଥିଲେ। ସେଠାରେ ଦେବୀ ପାର୍ବତୀ ବୈକୁଣ୍ଠ ଧାମର ବୈଭବ ଏବଂ ଐଶ୍ୱର୍ଯ୍ୟ ଦେଖି ଭୋଳାନାଥଙ୍କୁ ଏହିଭଳି ଏକ ଅତ୍ୟନ୍ତ ବୈଭବଶାଳୀ ମହଲ ନିର୍ମାଣ କରିବା ପାଇଁ କହିଥିଲେ। ପ୍ରଥମେ ଭୋଳାନାଥ ମାତା ପାର୍ବତୀଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଦେବୀ ପାର୍ବତୀ ନମାନିବାରୁ ଶଙ୍କର ଭଗବାନ ବିଶ୍ୱକର୍ମାଙ୍କୁ ମହଲ ନିର୍ମାଣ କରିବା ଦାୟିତ୍ୱ ଦେଇଥିଲେ। ପରେ ବିଶ୍ୱକର୍ମା ସୁନାର ମହଲ ନିର୍ମାଣ କରିଥିଲେ। ସୁନାର ମହଲ ନିର୍ମାଣ ହେବା ପରେ ମାତା ପାର୍ବତୀ ସମସ୍ତ ଦେବୀ-ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ଘରର ବାସ୍ତୁ ପ୍ରତିଷ୍ଠା ପୂଜା କରିବା ପାଇଁ ଅତ୍ୟନ୍ତ ବିଦ୍ୱାନ ରାବଣଙ୍କ ପିତା ଋଷି ବିଶ୍ରବାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମହଲର ଚାକଚକ୍ୟ ଦେଖିବା ପରେ ଋଷି ବିଶ୍ରବା ଏହି ମହଲକୁ ଦାନରେ ମାଗିଥିଲେ।

ଏଥିରେ ଭଗବାନ ଶଙ୍କର ମଧ୍ୟ ତାଙ୍କୁ ନିରାଶ ନ କରି ମହଲକୁ ଦାନ କରିଦେଇଥିଲେ। ଏଥିରେ ମାତା ପାର୍ବତୀ ଖୁବ ଦୁଃଖିତ ହୋଇଥିଲେ ଏବଂ ସେ ଋଷି ବିଶ୍ରବାଙ୍କୁ ଦାନରେ ନେଇଥିବା ମହଲକୁ ଜଳି ଯିବାର ଅଭିଶାପ ଦେଇଥିଲେ। କିନ୍ତୁ ଏହି ଘଟଣାରେ ଭଗବାନ ବଜରଙ୍ଗବାଲୀ ସୁନାର ଲଙ୍କାପୁରୀକୁ ଜଳାଇ ଭସ୍ମ କରିଥିବାର ଉଲ୍ଲେଖ ରହିଛି।

# କାନ୍ଥଘଣ୍ଟା

ଦକ୍ଷିଣ ଦିଗରେ ଥିବା କାନ୍ଥରେ କେବେହେଲେ ଘଣ୍ଟା ଟାଙ୍ଗିବା ଉଚିତନୁହେଁ । କାରଣ ଦକ୍ଷିଣ ଦିଗ ଯମଙ୍କ ଦିଗ ହୋଇଥାଏ । ଯମଙ୍କୁ ମୃତ୍ୟୁର ଦେବତା ଭାବେ ଗ୍ରହଣ କରାଯାଇଛି । ତେଣୁ ଅଫିସ ହେଉ କିମ୍ବା ଘର ଦକ୍ଷିଣ ଦିଗ କାନ୍ଥରେ ଘଣ୍ଟା ଟାଙ୍ଗିବା ଅଶୁଭ ବୋଲି ବିବେଚନା କରାଯାଇଥାଏ । ଗୃହର ମୁଖ୍ୟ ଦ୍ୱାର ଉପରେ ଘଣ୍ଟା କେବେହେଲେ ଲଗାଇବା ଉଚିତ ନୁହେଁ । ବନ୍ଦ ରହିଥିବା ଘଣ୍ଟା ଯଥାଶୀଘ୍ର ଠିକ୍ କରିନେବା ଉଚିତ୍ । ଯଦି ଘଣ୍ଟା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି ତା’କୁ ଘରେ ମଧ୍ୟ ରଖିବା ଅନୁଚିତ । କୌଣସି ସମ୍ପର୍କୀୟଙ୍କୁ କେବେହେଲେ ଉପହାର ଆକାରରେ ଘଣ୍ଟା ଦେବା ଉଚିତ୍ ନୁହେଁ । ଯଦି ଘଣ୍ଟା ସମୟ ଆଗକୁ କିମ୍ବା ପଛକୁ ହୋଇଯାଇଥାଏ ତା’କୁ ଠିକ୍ ସମୟରେ ମିଶାଇ ଦିଅନ୍ତୁ । ଘଣ୍ଟା ବିଳମ୍ବରେ କିମ୍ବା ଅଧିକ ଆଗୁଆ ହୋଇ ଚାଲୁନଥିବା ଆବଶ୍ୟକ । କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାରେ କେବେହେଲେ ଧୂଳି ବସିବା ଉଚିତ ନୁହେଁ ।



ମଧୁର ଶବ୍ଦ କରୁଥିବା ଘଣ୍ଟା ଟାଙ୍ଗିବା ଉଚିତ। ଗୃହର ପୂର୍ବ, ଉତ୍ତର ଏବଂ ପଶ୍ଚିମ କାନ୍ଥରେ ହିଁ ଘଣ୍ଟା ଟାଙ୍ଗିବା ଆବଶ୍ୟକ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହରେ ବାସ୍ତୁ ଦୋଷ ନିବାରଣ କରିବାକୁ ହେଲେ ଦକ୍ଷିଣ ଦିଗରେ ଥିବା ଘର କାନ୍ଥରେ ପରିବାର ମୁଖ୍ୟ କିମ୍ବା ଗୃହକର୍ତ୍ତାଙ୍କ ଫଟୋ ଲଗାଇବା ଉଚିତ୍ । କାରଣ ଏହି ଦିଗ ଗୃହକର୍ତ୍ତାଙ୍କର ହୋଇଥାଏ । ଏପରି କରିବା ଦ୍ୱାରା ଘରେ ଶୁଭ ପ୍ରଭାବ ବୃଦ୍ଧି ପାଇଥାଏ । ପରିବାରର ମୁଖ୍ୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ ।

# ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ମନେଇ

ପାଖାପାଖି ୫୦୦ ବର୍ଷ ତଳେ ପୁରୀ ଜିଲ୍ଲାର କାଣ୍ଡଗୋଦା ଗ୍ରାମରେ ପରମ ବୈଷ୍ଣବ ଭକ୍ତ ମନେଇ ସାହୁ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମଭକ୍ତ ଭାବେ ସେ ଜଣାଶୁଣା ଥିଲେ। ମାତା-ପିତାଙ୍କ ଧର୍ମପରାୟଣତାର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ମନେଇ ପ୍ରତିଦିନ ପାଖାପାଖି ୧୫ ମାଇଲ୍ ବାଟ ଚାଲି ଚାଲି ବଡ଼ ଦେଉଳରେ ତିନି ଠାକୁରଙ୍କୁ ଦର୍ଶନ କରୁଥିଲେ। ଅତିବଡ଼ି ଜଗନ୍ନାଥ ଦାସଙ୍କ ସହ ତାଙ୍କ ଘନିଷ୍ଠତା ରହିଥିଲା। ଉଭୟ ଅନେକ ସମୟରେ ଭକ୍ତି ଆଲୋଚନାରେ ମଗ୍ନ ରହୁଥିଲେ । ମନେଇ ସାହୁ ବଡ଼ ଦେଉଳକୁ ଯିବା ସମୟରେ ସବୁଦିନ ଅତିବଡ଼ିଙ୍କୁ ଭେଟୁଥିଲେ । କୁହାଯାଏ ଶ୍ରୀମଦ୍ ଭାଗବତ ରଚନା କରିବା ପରେ ଭ୍ରମ ସଂଶୋଧନ ପାଇଁ ଅତିବଡ଼ି ତାହାକୁ ମନେଇ ସାହୁଙ୍କୁ ଆଣି ଦେଖାଇଥିଲେ। ଶ୍ରୀଜଗନ୍ନାଥଙ୍କ ଠାରୁ ସ୍ୱପ୍ନାଦେଶ ପାଇଁ ଅତିବଡ଼ି ଏପରି କରିଥିଲେ ବୋଲି ଲୋକମୁଖରୁ ଶୁଣାଯାଏ।



ମନେଇ ସାହୁଙ୍କ ବିବାହ ପିଲାଦିନରୁ ହୋଇଯାଇଥିଲା। ହେଲେ ସାଂସାରିକ ବନ୍ଧନ ତାଙ୍କୁ ବେଶିଦିନ ବାନ୍ଧି ପାରିନଥିଲା। ସେ ସର୍ବଦା ଭଗବତ୍ ପାଦରେ ନିଜକୁ ସମର୍ପିତ କରି ରଖିଥିଲେ । ବୃଦ୍ଧ ହୋଇଯିବା ପରେ ମନେଇ ସାହୁ ସବୁଦିନ ଆଉ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇପାରିଲେ ନାହିଁ । ଥରେ ସେ ଗାଁ ପୋଖରୀକୁ ଗାଧୋଇ ଯାଇଥିବା ସମୟରେ ଏକ ନିମ୍ବ ଗଛରୁ ଚନ୍ଦନ ବାସ୍ନା ପାଇଲେ। ସେହି ନିମ୍ବ ଗଛର ଗଣ୍ଡି ଏତେ ଭାରୀ ଥିଲା ଯେ ତା’କୁ କେହି ଉଠାଇପାରୁନଥିଲେ। ମନେଇ ସାହୁ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କଲେ। ଏହାର କିଛି କ୍ଷଣ ପରେ ଗାଁଲୋକମାନେ ସେହି ନିମ୍ବ ଗଣ୍ଡିକୁ ଉଠାଇ କାଣ୍ଡଗୋଦା ଗ୍ରାମକୁ ନେଇ ଆସିଲେ। ସେହି ଗଣ୍ଡିରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପ୍ରତିମା ନିର୍ମାଣ କରାଯାଇ ଗାଁରେ ପ୍ରତିଷ୍ଠା କରାଗଲା। ମନେଇ ପ୍ରତିଦିନ ନିଜ ପ୍ରିୟ ଠାକୁରଙ୍କୁ ଦେଖିବାର ସୁଯୋଗ ପାଇଲେ । ଆଉ ଏକ ଚମତ୍କାର ଘଟଣାକ୍ରମେ ଥରେ ମନେଇ ପୋଖରୀରେ ଗାଧୋଉଥିବା ସମୟରେ ଏକ ପକ୍ଷୀଟିଏ ସେହି ପୋଖରୀରୁ ମାଛ ଖାଇବା ଲାଗି ଆସିଲା। ଭୋକିଲା ଥିବା ପକ୍ଷୀଟି ପୋଖରୀରେ ମାଛଟିଏ ପହଁରୁଥିବା ଦେଖି କୁଦା ମାରିଲା ଏବଂ ତା’କୁ ଗିଳିଦେବା ଲାଗି ଚେଷ୍ଟା କରିଥିଲା। ହେଲେ ଦୁର୍ଯୋଗକୁ ବଡ଼ କଣ୍ଟା ମାଛଟି ପକ୍ଷୀର ତଣ୍ଟିରେ ଲାଗିଗଲା। ଯନ୍ତ୍ରଣାରେ ଅତିଷ୍ଠ ପକ୍ଷୀଟି ଜୀବନ ବିକଳରେ ଛଟପଟ ହେବାକୁ ଲାଗିଲା। ପକ୍ଷୀର ଦୁଃଖ ସହିନପାରି ମନେଇ ଜଗନ୍ନାଥଙ୍କ ନାମ ସ୍ମରଣ କରି ପକ୍ଷୀର ତଣ୍ଟିକୁ ଆଉଁସି ଦେଲେ। ତୁରନ୍ତ ତଣ୍ଟିରୁ କଣ୍ଟା ମାଛଟି ପକ୍ଷୀର ପେଟ ଭିତରକୁ ଗଳିଗଲା। ସେହିଦିନ ଠାରୁ ଓଡ଼ିଆ ଘରେ ଗୋଟିଏ ବିଶ୍ୱାସ ରହିଯାଇଛି । କାହା ତଣ୍ଟିରେ ମାଛ କଣ୍ଟା ଲାଗିଗଲେ, ମନେଇ ସାହୁଙ୍କ ନାଁ ସ୍ମରଣ କରାଯାଇଥାଏ। ତାଙ୍କ ନାଁ ଧରିବା ମାତ୍ରେ ତଣ୍ଟିରୁ କଣ୍ଟା ବାହାରିଯାଏ ବୋଲି ବିଶ୍ୱାସ ରହିଛି ।



# କାନ ଯନ୍ତ୍ରଣାର ଘରୋଇ ଉପଚାର

କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।

**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ୍ୟ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ। ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ। ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ୍ୟ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।



**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ପୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ୍ୟ ଯନ୍ତ୍ରଣା ହୋଇଥାଏ ।

**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ। କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଗମ୍ ଚୋବାଇବାରେ ମଧ୍ୟ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।

# ଗୃହ ନିର୍ମାଣ ପାଇଁ ବାସ୍ତୁ ନିୟମ

ବାସ୍ତୁ ଅନୁସାରେ ଭୂମି ଚୟନ କରିବା ଉପରେ ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ। ବାସ୍ତୁ ସିଦ୍ଧାନ୍ତରେ କୁହାଯାଇଛି ଯେ, ଚାରିପାର୍ଶ୍ୱ ତଥା ଭବନର ମଧ୍ୟଭାଗରେ ଖୋଲା ଆକାଶ ରହିବା ଆବଶ୍ୟକ। ଭବନରେ ଜଳ ଭଣ୍ଡାରର ସ୍ଥାନ ପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ। ଏହି କ୍ରମରେ ଆଗ୍ନେୟ ଉପକରଣଗୁଡ଼ିକୁ ଆଗ୍ନେୟ କୋଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାୟୁ ଆତଯାତ ସକାଶେ ବେଶୀ ଗବାକ୍ଷ(ଝରକା) ଏବଂ ଆଲୋକ ଗବାକ୍ଷ (ସ୍କାଏ ଲାଇଟ୍) ରହିବା ଆବଶ୍ୟକ। ଏହି ତତ୍ତ୍ୱଗୁଡ଼ିକର ପରସ୍ପର କ୍ରିୟା-ପ୍ରତିକ୍ରିୟା ଅନୁସାରେ ସେଗୁଡ଼ିକ ଭିତରେ ସନ୍ତୁଳନ ରଖାଯାଏ। ଯଦି ବିପରୀତ ତତ୍ତ୍ୱଗୁଡ଼ିକ ଭିତରେ ସନ୍ତୁଳନ ରଖା ନ ଯାଏ, ତା’ ହେଲେ ଅଶୁଭ ପରିଣାମ ହୋଇଥାଏ। ପଞ୍ଚତତ୍ତ୍ୱର ପ୍ରଭାବକୁ ଅନୁକୂଳ କରିବା ସହିତ ଦିଗ ନିର୍ଦ୍ଧାରଣରେ ଉତ୍ତର ଧ୍ରୁବରୁ ଆସୁଥିବା ଚୁମ୍ବକୀୟ ପ୍ରବାହ ଏବଂ ପୂର୍ବ ଦିଗରୁ ଆସୁଥିବା ସୂର୍ଯ୍ୟରଶ୍ମୀକୁ ଗୃହ ଭିତରେ ଠୁଳ କରି ତହିଁରୁ ସୁଫଳ ପାଇବାର କଳା -କୌଶଳ ମଧ୍ୟ ଏହି ଶାସ୍ତ୍ରରେ ନିହିତ ଅଛି। ଏପରି ଭାବେ ଭବନ ନିର୍ମାଣ କରାଯାଏ, ଯେପରି ଚୁମ୍ବକୀୟ ଶକ୍ତି ଉତ୍ତର ଧ୍ରୁବରୁ ଦକ୍ଷିଣ ଦିଗକୁ ପ୍ରବାହିତ ହେବ। ବାସ୍ତୁଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ସମସ୍ତ ଭାରୀ ବସ୍ତୁ ଭବନର ପଶ୍ଚିମ ଦିଗରେ ରଖିବା ବିଧେୟ।




# କଳା ଅଙ୍ଗୁର

*ପନିପରିବା ଏବଂ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । କଳା ଅଙ୍ଗୁରକୁ ସବୁଠାରୁ ଅଧିକ ପସନ୍ଦ କରାଯାଇଥାଏ । ଅନେକ ସମୟରେ ମନରେ ପ୍ରଶ୍ନ ଆସେ କଳା ଅଙ୍ଗୁର ଏବଂ ସବୁଜ ଅଙ୍ଗୁର ମଧ୍ୟରୁ କେଉଁ ଅଙ୍ଗୁର ସବୁଠାରୁ ଅଧିକ ଲାଭଦାୟକ ହୋଇଥାଏ । ଗୁଣ ଅନୁସାରେ ଦୁଇଟିଯାକ ଲାଭଦାୟକ କିନ୍ତୁ କଳା ଅଙ୍ଗୁର ସ୍ୱାସ୍ଥ୍ୟ ସହ ଚର୍ମ ପାଇଁ ମଧ୍ୟ ଉତ୍ତମ ହୋଇଥାଏ ।*



କଳା ଅଙ୍ଗୁର ଖାଇବା ଦ୍ୱାରା ମଧୁମେହ ରୋଗ ଭଲ ହୋଇଥାଏ । ଏହି ଅଙ୍ଗୁରରେ ରେସଭେରାଟ୍ରଲ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ରକ୍ତରେ ଇନସୁଲିନ୍ ବଢ଼ାଇଥାଏ । ଏହି ଉପାୟରେ ସୁଗାର୍‌ର ସନ୍ତୁଳନ ଠିକ୍ ରହିଥାଏ । ଏହା ଶରୀରରେ ରକ୍ତ ପ୍ରବାହକୁ ବଢ଼ାଇଥାଏ । ଏଥିପାଇଁ ରକ୍ତଚାପ ସମସ୍ୟା ମଧ୍ୟ ରହିନଥାଏ । କଳା ଅଙ୍ଗୁରରେ ଥିବା ସାଇଟୋକେମିକଲ୍ସ ହୃତପିଣ୍ଡକୁ ସୁସ୍ଥ ରଖିଥାଏ । ଏହା ଶରୀରରେ କୋଲେଷ୍ଟ୍ରଲର ମାତ୍ରା ମଧ୍ୟ ନିୟନ୍ତ୍ରଣରେ ରଖିଥାଏ ।

ରେସଭେରାଟ୍ରଲ ତତ୍ତ୍ୱ ବ୍ୟାକ୍ଟେରିଆ ଏବଂ ଫଙ୍ଗସକୁ ନଷ୍ଟ କରିଥାଏ । ଯାହାକି ଶରୀରରେ କୌଣସି ପ୍ରକାରର ସଂକ୍ରମଣ ସୃଷ୍ଟି କରିପାରେ । ଏହା ପୋଲିଓ ଏବଂ ହର୍ପ୍ସ ଭଳି ରୋଗ ସହ ଲଢିବାରେ ସାହାଯ୍ୟ କରିଥାଏ କାରଣ କଳା ଅଙ୍ଗୁରରେ ଭାଇରସ୍ ସହ ଲଢ଼ିବାର କ୍ଷମତା ରହିଥାଏ । କଳା ଅଙ୍ଗୁର ଚର୍ମକୁ ଲୋଉକୋଉ ହେବାରୁ ଦୂରରେ ରଖିଥାଏ ଚର୍ମକୁ ଉଜ୍ଜ୍ୱଳ ରଖିଥାଏ । ଏହାକୁ କ୍ରମାଗତ ଭାବରେ ଖାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଚର୍ମ ସେଲକୁ ସୁସ୍ଥ ରଖିଥାଏ । ଏଥିରେ ଥିବା ଭିଟାମିନ୍-ଇ ରୁପି, କେଶ ଝଡ଼ିବା ବା ଧଳା ହେବାର ସମସ୍ୟା ଦୂର କରିଥାଏ । ମସ୍ତିସ୍କର ଚର୍ମ ଶକ୍ତ ହୋଇଥାଏ ଯାହା ଫଳରେ କେଶ ଘନ, ନରମ ଏବଂ ମଜଭୁତ ହୋଇଥାଏ । ମାଇଗ୍ରେନ(ଅଧକପାଳୀ) ସମସ୍ୟା ଥିବା ଲୋକ କଳା ଅଙ୍ଗୁର ରସ ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ କିଛି ଦିନ କଳା ଅଙ୍ଗୁର ରସ ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ପରୋପକାରାୟ



ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି। କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, “ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍।।” ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସାହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ। ପରୋପକାରୀ ମନୁଷ୍ୟକୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ। ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ ।

*ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ ।*

ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଭୋଜନ ମିଳିଥିଲା। ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ। ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ । ଯୀଶୁଖ୍ରୀଷ୍ଟ ଫାଶୀରେ ଚଢ଼ି ଯାଇଥିଲେ ଏବଂ ସୁକରାତ୍ ଲୋକ କଲ୍ୟାଣ ନିମନ୍ତେ ବିଷ ପିଇଦେଇଥିଲେ । ଶିଖ୍ମାନଙ୍କ ଧର୍ମ ଗୁରୁ ନାନକ ଦେବ ବ୍ୟବସାୟ ନିମନ୍ତେ ମିଳିଥିବା ସମ୍ପତ୍ତି ସାଧୁସନ୍ଥମାନଙ୍କ ଭୋଜନ ପାଇଁ ଖର୍ଚ୍ଚ କରି ଅନନ୍ୟ ଉଦାହରଣ ପ୍ରତିଷ୍ଠା କରିଥିଲେ । ଏପରି ଅନେକ ଉଦାହରଣ କରି, ଯାହା କହିଥାଏ ଯେ ପରୋପକାର ଠାରୁ ବଡ଼ ପୁଣ୍ୟ ଆଉ ନାହିଁ ।

# ପ୍ରକୃତ ଧର୍ମ

ବାରାଣସୀର ଗଙ୍ଗା ନଦୀ କୂଳରେ ଜଣେ ଗୁରୁଜୀ ରହୁଥିଲେ। ତାଙ୍କର ଅନେକ ଶିଷ୍ୟ ଥିଲେ। ଶିକ୍ଷା ଶେଷ ହେବା ପରେ ଗୁରୁଦେବ କିଛି ଶିଷ୍ୟଙ୍କୁ ଆଶୀର୍ବାଦ ଦେଇ ବିଦାୟ କରିବାକୁ ବାହାରିଲେ । ସକାଳୁ ଗଙ୍ଗା ସ୍ନାନ କରିବା ପରେ ଗୁରୁଦେବ ଏବଂ ତାଙ୍କର ଶିଷ୍ୟମାନେ ପୂଜା କରିବାକୁ ବସିଗଲେ । ସମସ୍ତେ ଧ୍ୟାନ କରୁଥିବା ସମୟରେ ଜଣେ ଶିଶୁର ସ୍ୱର ଶୁଭିଲା। ସେ ସାହାଯ୍ୟ ପାଇଁ ଡାକୁଥିଲା। ଏହି ସମୟରେ ଜଣେ ଶିଷ୍ୟ ନିଜ ଜୀବନକୁ ବାଜି ଲଗାଇ ନଦୀ ଗର୍ଭକୁ ଡେଇଁ ପଡ଼ିଲା। ସେ କୌଣସି ପ୍ରକାରେ ଉକ୍ତ ଶିଶୁକୁ ବଞ୍ଚାଇ ନଦୀ କୂଳକୁ ନେଇ ଆସିଲା । ସେପର୍ଯ୍ୟନ୍ତ ସବୁ ଶିଷ୍ୟ ଧ୍ୟାନ ମଗ୍ନ ଥାଆନ୍ତି । କିନ୍ତୁ ଗୁରୁଦେବ ସମସ୍ତ ଘଟଣାକ୍ରମକୁ ନିଜ ଆଖିରେ ଦେଖୁଥିଲେ । ଏଥର ଗୁରୁଦେବ ସମସ୍ତଙ୍କୁ କହିଲେ, ଜଣେ କାନ୍ଦୁଥିବା ଶିଶୁର ଡାକ ଶୁଣି ତୁମମାନଙ୍କର ଜଣେ ଶିଷ୍ୟ ତା’କୁ ବଞ୍ଚାଇବା ଲାଗି ନଦୀକୁ ଡେଇଁ ପଡ଼ିଲା। ଶିଷ୍ୟମାନେ କହିଲେ, ସେ ପୂଜା ସ୍ଥଳରୁ ଉଠିଯାଇ ଅଧର୍ମ କରିଛି । ଏହାଶୁଣି ଗୁରୁଦେବ କହିଲେ, ଅଧର୍ମ ସେ ନୁହେଁ, ତୁମେ ମାନେ କରିଛ । ତୁମେ ବୁଡ଼ିଯାଉଥିବା ଏକ ଶିଶୁର ଡାକ ଶୁଣିପାରିଲ ନାହିଁ । ପୂଜା-ପାଠ, ଧର୍ମ-କର୍ମର ଉଦ୍ଦେଶ୍ୟ ହେଉଛି ପ୍ରାଣୀମାନଙ୍କର ରକ୍ଷା କରିବା । ତୁମେ ଆଶ୍ରମରେ ଧର୍ମ ଶାସ୍ତ୍ର, ବ୍ୟାକରଣ, ଧର୍ମ-କର୍ମ ଆଦିରେ ପାରଙ୍ଗମ ହେଲ, କିନ୍ତୁ ଧର୍ମର ମର୍ମ ଏଯାଏଁ ବୁଝିପାରିଲ ନାହିଁ । ପରୋପକାର ଏବଂ ସଂକଟରେ ପଡ଼ିଥିବା ପ୍ରାଣୀର ଉଦ୍ଧାର ଠାରୁ ବଡ଼ ଧର୍ମ ଆଉ ନାହିଁ ।



# ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର : ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୨୫/୧: ପୂର୍ବୋଦୟର ବିକାଶରେ ବିକଶିତ ଭାରତ ବର୍ଷ ଗଠନ ସମ୍ଭବ । ଓଡିଶାର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର ଏବଂ ଏଥି ପାଇଁ ଶାସନ ଦାୟୀତ୍ୱ ନେବାର ପ୍ରଥମ ଦିନରୁ କାର୍ଯ୍ୟ କରିଆସୁଛନ୍ତି । ମୋଦିଜୀଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ "ଗରୀବ, ଯୁବକ, କୃଷକ ଏବଂ ମହିଳା କଲ୍ୟାଣକାରୀ ଯୋଜନା"କୁ ବାସ୍ତବ ଓ ସଫଳ ରୂପାୟନ ଦେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ ଜାରୀ ରହିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସାଢେ ଚାରି କୋଟି ଓଡିଆଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଜଣାଇ କାର୍ଯ୍ୟ କରାଯାଉଛି । ଓଡିଶାର ଐତିହ୍ୟ, ସଂସ୍କୃତି, ପରାଂପରା, କଳା, ଭାଷା, ଖାଦ୍ୟ ଆଦିକୁ ବିଶ୍ୱସ୍ତରରେ ପହଂଚାଇବାର ପ୍ରୟାସ ଜାରୀ ରହିଛି । ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି । ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଜୀ ୫ମ ଥର ପାଇଁ ଓଡିଶା ଆସୁଛନ୍ତି । ଓଡିଶାରେ ପ୍ରଥମ ଥର ପାଇଁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀମାନ ଆୟୋଜନ କରାଯାଉଛି । ପୋଲିସ ଡିଜି ସମ୍ମିଳନୀ, ଭାରତୀୟ ନୌସେନା ଦିବସ ପାଳନ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଜରିଆରେ ଓଡିଶାର ମାନ ଓ ସମ୍ମାନ ବିଶ୍ୱସ୍ତରରେ ପହଂଚି ପାରିଛି । ଶପଥ ଗ୍ରହଣ, ସୁଭଦ୍ରା ଯୋଜନାର ଶୁଭାରମ୍ଭ, ପୋଲିସ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରେ ଆସନ୍ତା ୨୮ ତାରିଖ ଦିନ ପୁଣି ଥରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ ବୋଲି ସାଂସଦ ତଥା ବରିଷ୍ଠ ନେତା ଶ୍ରୀ ପ୍ରତାପ ଷଡଙ୍ଗୀ ସୁଚନା ଦେଇଛନ୍ତି । ଦିନିକିଆ ଗସ୍ତରେ ଓଡିଶା ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୮ ତାରିଖ ସକାଳ ୧୦ଟାରେ




ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପାର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇବେ । ଏଥି ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡିଶା ସମ୍ମିଳନୀରେ ଯୋଗ ଦେବେ । ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶ ତଥା ବିଦେଶରୁ ପ୍ରାୟ ୫ ହଜାର ପୁଞ୍ଜି ନିବେଶକାରୀ ପ୍ରତିନିଧି ଯୋଗ ଦେବେ । ଏହି ସମ୍ମିଳନୀ ଜରିଆରେ ଓଡିଶାକୁ ବୃହତ ପରିମାଣର ପୁଞ୍ଜି ନିବେଶ ସମ୍ଭବ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ଭଗବାନ ବିର୍ସା ମୁଣ୍ଡା ଏବଂ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ସମ୍ବିଧାନ ଗୌରବ ଅଭିଯାନ, ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀକୁ ପାର୍ଟୀ ତରଫରୁ ମହାଆଡମ୍ବରରେ ପାଳନ କରାଯିବ । ଏଥି ପାଇଁ ରାଜ୍ୟ କମିଟି ଗଠନ କରାଯାଇଛି । ବର୍ଷେ ବ୍ୟାପୀ ପାଳନ ହେବାକୁ ଥିବା ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପାଇଁ ଗଠିତ କମିଟିରେ ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ଉପସଭାପତି ସୁଶ୍ରୀ ସୁକେଶୀ ଓରାମ, ଏସଟି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ହାଁସଦା, ଫାଗୁ ହାଁସଦା, ମମିତା ନାୟକ, ବାସନ୍ତି ମାଝୀ, କରାମତି ଓରାମ, ଧ୍ରୁବ କାଲୋ, ପଦ୍ମଚରଣ ହାଇବ୍ରୁ, ଦଶମାତୀ ଛତର, ହୃଷିକେଶ ଦେହୁରୀ, ସିଦ୍ଧାର୍ଥ ସିଂହ ପ୍ରମୁଖ ସଦସ୍ୟ ଅଛନ୍ତି ବୋଲି ଶ୍ରୀ ଷଡଙ୍ଗୀ ସୁଚନା ଦେଇଛନ୍ତି । ସେହିପରି ଅଟଳ ବିହାରୀ ବାଜପେୟୀ ଜନ୍ମ ଶତାବ୍ଦୀ ପାଳନ କମିଟିରେ ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ (ସଂଯୋଜକ), ମାନ୍ୟବର ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର (ସହ ସଂଯୋଜକ), ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ ସଂପାଦିକା କସ୍ତୁରୀ ମିଶ୍ର, ବିଧାୟକ ରଘୁନାଥ ଜଗଦ୍ଦଲା, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ପ୍ରମୁଖ ସଦସ୍ୟ ଅଛନ୍ତି ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ସମ୍ବିଧାନ ଗୌରବ ଅଭିଯାନ କମିଟିରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ସୀମାଂଚଳ ଖଟେଇ, ସାଂସଦ ସୁଜିତ କୁମାର ଓ ରବି ନାରାୟଣ ବେହେରା, ବିଧାୟକ ଇରାସିସ ଆଚାର୍ଯ୍ୟ, ରାଜ୍ୟ ସଂପାଦିକା ପୂର୍ଣ୍ଣିମା ନାୟକ ଏବଂ ବିଧାୟକ ସନାତନ ବିଜୁଳି ପ୍ରମୁଖ ସଦସ୍ୟ ଅଛନ୍ତି ବୋଲି ଶ୍ରୀ ଷଡଙ୍ଗୀ ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମଳନୀରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପକ୍କା ରାସ୍ତା କୁ ଖୋଳି ପାଇପ ବିଚାଇଛି ଠିକା ସଂସ୍ଥା, ରାସ୍ତା ଅବସ୍ଥା ଶୋଚନୀୟ



ପାଟଣା ୨୫/୧ (ନି.ପ୍ର): ଆଜକୁ ୨ ବର୍ଷ ରୁ ଅଧିକ ହେବ ସାହାରପଡା ବ୍ଲକ ର ୨୦ ଟି ଯାକ ପଞ୍ଚାୟତ ରେ ଏକ ଠିକା ସଂସ୍ଥା ଦ୍ୱାରା ପାଇପ ବିଛାଯାଇ ପାନୀୟ ଜଳ ପ୍ରକଳ୍ପ ର କାର୍ଯ୍ୟ କରାଯାଇଥିଲା । ଏପର୍ଯ୍ୟନ୍ତ ପାଇପ ବିଛା କାମ ସାରି ନଥିବା ବେଳେ ଯେଉଁ ଗ୍ରାମ ଗୁଡିକରେ ପାଇପ ବିଛାଇଛି ସେଗୁଡିକରେ ଗାଁ ମଝିରେ ଥିବା ପକ୍କା ରାସ୍ତା ଗୁଡିକ ଖୋଳି ଦେଇ ପାଇପ ବିଛା ଯାଇଛି ।ଏପରିକି ଏହାକୁ ମରାମତି କରିବାର ନାଁ ମଧ୍ୟ ଧରୁନାହିଁ । ଫଳରେ ରାସ୍ତା ଗୁଡିକ ନଷ୍ଟ ହେବାକୁ ବସିଲାଣି । ଲୋକେ ସେଠାରେ ମାଟି ପଥର ପକାଇ ଚାଲୁଛନ୍ତି । ଅନେକ ରାସ୍ତା ଖୋଳି ଗାଡ଼ ହୋଇଗଲାଣି । ଅନେକ ସମୟରେ ଅନ୍ଧାର ରାତିରେ ବୃଦ୍ଧ ବୃଦ୍ଧା ମନେ ଝୁଣ୍ଟି ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଉଦୟପୁର ପଞ୍ଚାୟତ ର ଉଦୟପୁର, ରାଇଡିହା, ମହୁଦୀପା, ମହ୍ଲାରପଦା ପଞ୍ଚାୟତ ର ଯାମୁଦା, ମୟୂରପଙ୍ଖା, ଶଙ୍ଖୁଆ ଗ୍ରାମ ପଞ୍ଚାୟତ ର ଶଙ୍ଖୁଆ ଆଦି ଗ୍ରାମ ର ରାସ୍ତା ଗୁଡିକ ଅବସ୍ଥା ଏହି କାରଣରୁ ବହୁତ ଖରାପ ଅବସ୍ଥା ରେ ଅଛି ।ଉକ୍ତ ରାସ୍ତା ଗୁଡିକୁ ଠିକା ସଂସ୍ଥା ମରାମତି କରିବା ପାଇଁ ଦାବି ହେଉଛି ।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ

ପାଟଣା ୨୫/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମବର୍ଷ କଳା ଓ ବିଜ୍ଞାନ ଛାତ୍ରୀ ମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ ଅଧକ୍ଷ ଅଶ୍ୱତ୍ଥାମା ଗିରିଙ୍କ ଅଧକ୍ଷତାରେ ଉଦଘାଟିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନର ପ୍ରାଧାପକ ଯତୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ହୋଇ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱାରୋପ ଉପରେ ଆଲୋଚନା କରିଥିଲେ । ଛାତ୍ରୀମାନେ ପ୍ରଥମେ ନିଜସ୍ୱ ସୁରକ୍ଷିତ ରଖିବାର ପ୍ରୟାସ କରିବା ସହ ଅବସ୍ଥା ଚକ୍ରରେ ନିଜର ମାନସିକ, ଶାରୀରିକ ସାହସ ଏବଂ କୌଶଳ ଅବଲମ୍ବନ କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ କ୍ଷ ଏହା ଚଳିତ ମାସ ତା ୨୪ ତାରିଖ ଠାରୁ ଆରମ୍ଭ ହୋଇ ଫେବ୍ରୁଆରି ତା ୧ ତାରିଖ ପର୍ଯ୍ୟନ୍ତ ଆଠ ଦିନ ଧରି ଚାଲିବ ।ପ୍ରଶିକ୍ଷିକା ଭାବେ ସୁଶୀଳା ମହାନ୍ତ ଓ ପ୍ରିୟମ୍ବଦା ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ତାଲିମ୍ ପ୍ରଦାନ କରୁଛନ୍ତି । ସଂଯୋଜିକା ଭାବେ ଶିକ୍ଷାବିଭାଗର ଅଧାପିକା ଅପର୍ଣ୍ଣା ବେହେରା ଶିବିର ପରିଚାଳନା କରିବାର ଦାୟିତ୍ୱ ନେଇଛନ୍ତି ।ଶେଷରେ ସ୍ନାତକୋତ୍ତର ଓଡ଼ିଆ ଶିକ୍ଷକ ପ୍ରଭଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୯୯୩ ମେଟ୍ରିକ ବ୍ୟାଚର ବନ୍ଧୁମିଳନ

ବେଲଗୁଣ୍ଠା ୨୫/୧ (ନି.ପ୍ର): ଆଜି ବେଲଗୁଣ୍ଠା ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟ ୧୯୯୩ ମେଟ୍ରିକ ବ୍ୟାଚର ବନ୍ଧୁମିଳନକାର୍ଯ୍ୟକ୍ରମ କିରାପଲି ନିକଟସ୍ଥ ତଳ କୁମାରଶୁଣି ପୀଠରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ଭାସ୍କର ସୁବୁଦ୍ଧି, ଦିଲ୍ଲୀପ ସାହୁ, ସନ୍ତୋଷ ମହାନ୍ତି, ସନ୍ତୋଷ ମହାରଣା ଦାୟିତ୍ୱ ନେଇ ସମସ୍ତ ବନ୍ଧୁ ମାନଙ୍କୁ ଏକତ୍ରିତ କରିଥିଲେ । ଏହି ଅବସରରେ ମନ୍ଦିର ପୀଠରେ ଏକ ସାଙ୍ଗଠନିକ ବୈଠକ କରି ସମସ୍ତ ବନ୍ଧୁ ମାନଙ୍କ ଭିତରେ ଏକ ଭାଇଚାରାର ଯୋଗସୂତ୍ର ରଖି ଦୁଃଖ ସୁଖରେ ଭାଗିଦାରୀ ହେବା ପାଇଁ ନିଷ୍ପତି ନିଆଯାଇଥିଲା । ଏବଂ କିଛି ବନ୍ଧୁମାନେ ଉପସ୍ଥିତ ନଥିବା ଯୋଗୁଁ ଦୁଃଖ ପ୍ରକାଶ କରିବା ସହିତ ଆଗାମୀ ବର୍ଷ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯେମିତି ସମସ୍ତେ ମିଶିପାରିବେ ସେ ଉପରେ ଆଲୋଚନା ହୋଇଥିଲା ଓ ପରିବେଶ ପ୍ରଦୂଷଣରୁ ଆଗାମୀ ଦିନରେ କେମିତି ମୁକ୍ତି ପାଇବା ପାଇଁ ବୃକ୍ଷରୋପଣ କରି ଅମ୍ଳଜାନର ଆବଶ୍ୟକତାକୁ ପୂରଣ କରିବାକୁ ପ୍ରତିଶୃତି କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସଂଗଠନକୁ ସିଦୃଢ଼ ରଖିବା ପାଇଁ ଉଦବୋଧନ ଦେବା ସହ ଧନ୍ୟାଦ ଅର୍ପଣ କରିଥିଲେ ।

## ଏବିଭିପି ଟିକାବାଲି ଦ୍ୱାରା ନେତାଜୀ ଜୟନ୍ତୀ ପାଳନ ସହ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ଫୁଲବାଣୀ , ୨୫/୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଜିଲ୍ଲାର ଟିକାବାଲି ନଗର ପକ୍ଷରୁ ନେତାଜି ସୁବାଷ ଚନ୍ଦ୍ର ବୋଷ ଓ ବିର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ଅବସରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋଭାଯାତ୍ରାଟି ଏ.ଏମ୍ .ସି.ଏସ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ମୁଖ୍ୟ ମାର୍କେଟ ଦେଇ ଟିକାବାଲି ହାଇସ୍କୁଲ ପଡ଼ିଆରେ ସମାପ୍ତ ହୋଇଥିଲା । ସମଗ୍ର ଛାତ୍ର ସମାଜ କିପରି ଦେଶ ପ୍ରେମ ଓ ଦେଶ ଭକ୍ତି ରେ ନିଜକୁ ସାମିଲ କରିବେ ଏବଂ ସମସ୍ତ ଛାତ୍ର ସମାଜଙ୍କ ମନରେ ରାଷ୍ଟ୍ର ପ୍ରେମର ଭାବନା ଜାଗ୍ରତ କରିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା ।ଶୋଭାଯାତ୍ରା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଦିଲ୍ଲୀ କୁମାର କହଁର,ସମ୍ମାନିତ ଅତିଥି ଶ୍ରୀ କୁନ୍ଦୁରି ମଲିକ, ରାଜ୍ୟ ଜନଜାତି ସଂଯୋଜିକା ତୋଅପୋଇ କହଁର, ରାଜ୍ୟ ( ସି. ଡି. ଡି) ଓ ଗଂଜାମ ବିଭାଗ ସହ ସଂଯୋଗ ରୁଦ୍ର ପ୍ରସାଦ ସେଠୀ ଜିଲ୍ଲା ପ୍ରମୁଖ ସନ୍ତୋଷ କୁମାର ଦଳବେହେରା,ସହ ପ୍ରମୁଖ ସୌମିୟ ରଂଜନ ଡାକୁଆ, ଟିକାବୋଲି ନଗର ଉପ ସଭାପତି ରାଜକିଶୋର ପ୍ରଧାନ, ଯୁବ ସଂଗଠକ କପିଳାସ କହଁର ପ୍ରମୁଖ ଯୋଗଦେଇ ରାଷ୍ଟ୍ର ଗଠନ ରେ ଯୁବ ସମାଜ ଭୂମିକା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସହ ସଂଯୋଜକ ଆଶୁତୋଷ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂଯୋଜକ ଅମ୍ଲାନ ପଟ୍ଟନାୟ, ବିଭାଗ ଏସ୍ ଏଫ୍ ଡି ସଂଯୋଜକ ରଜତ ମହାପାତ୍ର, ବିଭାଗ ଆର୍ କେ ଏମ୍ ସଂଯୋଜକ ତ୍ରିଲୋଚନ ଗଣ୍ଡା ଜିଲ୍ଲା ଛାତ୍ର ସଂଦେଶ ପ୍ରମୁଖ ରଜତ ବେହେରା ଟିକାବାଲି ନଗର ସଂପାଦକ ସିଦ୍ଧାନ୍ତ ବଳିଆରସିଂହ,ଆଲିଶା କହଁର , ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ବିକାଶ ଦିଗାଲ, ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ବିଶେଷ ଭାବେ ଲିଙ୍ଗରାଜ ନାୟକ ଓ ସାଇ ରାମ୍ ବେହେରା ସହଯୋଗ କରିଥିଲେ ।



## ଅଟଳ ବିହାରୀଙ୍କ ନାମରେ ଡାକଟିକେଟ ପ୍ରଚଳନ : ଅଟଳସେନା ପକ୍ଷରୁ କୃତଜ୍ଞତା

ସାଲେପୁର୨୫/୧ (ନି.ପ୍ର): ଅଟଳସେନା ଓଡିଶା ତରଫରୁ ଏକକ ଭାବରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ଅବସରରେ ତାଙ୍କ ନାମରେ ଏକ ଡାକଟିକେଟ ପ୍ରଚଳନ ପାଇଁ ଭାରତର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତି ଆଦିତ୍ୟ ସିନ୍ଧିଆଙ୍କୁ ଗତ ତା. ୧୮.୧୨.୨୦୨୪ ରିଖରେ ଅନୁରୋଧ କରି ଏକ ପ୍ରସ୍ତାବ ପତ୍ର ପ୍ରଦାନ କରାଯାଇଥିଲା । ଫଳ ସ୍ୱରୂପ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ବିଭାଗ ବାଜପେୟୀଙ୍କ ନାମରେ ଏକ ଡାକ ଟିକେଟ ପ୍ରଚଳନ କରିଛନ୍ତି । ଏ ସଂପର୍କରେ ସଂପୃକ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ମନୀଷ କୁମାର ଶ୍ରୀବାସ୍ତବ ଅଟଳସେନାକୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଏଥିପାଇଁ ଅଟଳସେନା ଓଡିଶା ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ମୁଖ୍ୟ ଉପଦେଷ୍ଟା ଇଂ. ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ବୁଦ୍ଧିଜୀବୀ ସଂଘ ସଭାପତି ଡକ୍ଟର ଉମେଶ ଚନ୍ଦ୍ର ପତି, ଚିନ୍ତନ ପରିଷଦର ଉପାଧକ୍ଷ ଡକ୍ଟର ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା, ସଂଗଠନ ସଂପାଦକ ରବିନ୍ଦ୍ର କୁମାର ବେହେରା, ସଂପାଦକ ତାପସ ରଂଜନ ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଜଗନ୍ନାଥ ବସ୍ତିଆ, ସାମାଜିକ ଗଣମାଧ୍ୟମ ସହସଂଯୋଜକ ହରେକୃଷ୍ଣ ସାମଲ ସାଂସ୍କୃତିକ ସଂଘ ସଂପାଦକ ଝରି ସୁନ୍ଦର ମଲିକ, ପ୍ରତାପ କିଶୋର ମିଶ୍ର, ଅଧିବକ୍ତା ଜୟନ୍ତୀ ପ୍ରିୟା ସେଠୀ, ଗୌତମ ରାୟ ଚୌଧୁରୀ, ବିଜୟିନୀ ନାୟକ, ସସ୍ମିତା ବେହେରା, ବିନତୀ ପ୍ରଧାନ, ଅଶୋକ ବେହେରା, ମହେଶ କର, କିଶୋର ଚନ୍ଦ୍ର ମହାନ୍ତି, ରବିନାରାୟଣ ପଟ୍ଟନାୟକଙ୍କ ସମେତ ସେନାର ସମସ୍ତ କାର୍ଯ୍ୟକର୍ତ୍ତା କେନ୍ଦ୍ରର ମୋଦୀ ସରକାରଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



ସାଲେପୁର ୨୫/୧ (ନି.ପ୍ର): ଅଟଳସେନା ଓଡିଶା ପକ୍ଷରୁ ଓଡିଶାର ଦୁଇ ମହାନ୍ ପୁରୁଷ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କିଶୋରନଗର ଥାନା ଅନ୍ତର୍ଗତ ମା' ମଙ୍ଗଳାପୀଠ ରଟିଲୋଠାରେ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଟଳସେନା ଚିନ୍ତନ ପରିଷଦ ଉପାଧକ୍ଷ ସୀତାରାମ ପଣ୍ଡା ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଭଳି ରାଷ୍ଟ୍ରଭକ୍ତ ରୂପେ ନିଜକୁ ଗଢି ତୋଳିବାକୁ ଅଟଳ ସୈନିକମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଝରୀ ସୁନ୍ଦର ମଲିକ ଉଭୟ ବରପୁତ୍ରଙ୍କ ତ୍ୟାଗପୁତ ଜୀବନଦର୍ଶନ ଉପରେ ମାର୍ଗ ଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସାଲେପୁର ନିରଞ୍ଜନ ଦାସ ଯୋଗଦେଇ ଉଭୟ ମହାନ୍ ପୁରୁଷଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ଅଟଳସେନା ମହିଳାସଂଘ ସଭାନେତ୍ରୀ ବିଦ୍ୟୁଲତା ମନ୍ତ୍ରୀ, ଅନ୍ୟମାନଙ୍କ ମଧ୍ୟରେ ହରିହର ବେହେରା, କିଶୋର କୁମାର ସାହୁ, ଭରତ ସାମଲ, ରେଣୁବାଳା ସାମଲ, ପ୍ରମିଳା ସାମଲ, ମଞ୍ଜୁ ସାମଲ, ମୀନା ସାମଲ, ରୀନା ସାମଲ, ଗୌତମ ସାହୁ, ପ୍ରସନ୍ନ ପ୍ରଧାନ, ସୁବ୍ରତ ସାମଲ, ସୁବାଷ ସାମଲ, କ୍ଷେତ୍ରବାସୀ ବେହେରାଙ୍କ ସମେତ ଅନେକ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ଶେଷରେ ଅଟସେନା ସାମାଜିକ ଗଣମାଧ୍ୟମର ରାଜ୍ୟ ସହସଂଯୋଜକ ହରେକୃଷ୍ଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଯୋଗ୍ୟ ହାତେଇଥିବା ରାସନକାର୍ଡଧାରୀଙ୍କଠାରୁ ସଂପୂର୍ଣ୍ଣ ଅର୍ଥ ଓ ଯୋରୀମାନା ଆଦାୟ ପାଇଁ ଦାବି

ନିଶ୍ଚିନ୍ତକୋଇଲି୨୫/୧ (ନି.ପ୍ର): ଜାନୁଆରୀ ୩୧ ରେ ସରୁଛି ରାସନକାର୍ଡର ଇ-କେୱାଇସି । ଏହି ସମୟ ଭିତରେ ଅଯୋଗ୍ୟ ହିତାଧିକାରୀମାନେ ହାତେଇଥିବା ରାସନକାର୍ଡକୁ ଆତ୍ମ ସମର୍ପଣ କରିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ୩୧ ତାରିଖ ପୂର୍ବରୁ ଅଯୋଗ୍ୟ ହିତାଧିକାରୀମାନେ ସେମାନେ ହାତେଇଥିବା ରାସନକାର୍ଡକୁ ଆତ୍ମ ସମର୍ପଣ କରାଇଦେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନସରକାର ନେବେ ନାହିଁ । ମନ୍ତ୍ରୀଙ୍କ ସୂଚନା ମୁତାବକ ଇ-କେୱାଇ ଜାରୀ ରହିଥିଲା ବେଳେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ୨୦୦ ରୁ ୩୦୦ ଅଯୋଗ୍ୟ ହିତାଧିକାରୀ ବାହାରୁଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୨୪୯ ଅଯୋଗ୍ୟ ହିତାଧିକାରୀ ରହିଥିବା ଏକ ତଥ୍ୟରୁ ଜଣାପଡିଛି । ଅଯୋଗ୍ୟ ହିତାଧିକାରୀମାନେ ରାସନକାର୍ଡକୁ ଆତ୍ମ ସମର୍ପଣ କରାଇଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ମନ୍ତବ୍ୟକୁ ସାଧାରଣରେ ଗ୍ରହଣ କରାଯାଇ ପାରୁନାହିଁ । ଯେଉଁମାନେ ଅଯୋଗ୍ୟ ହିତାଧିକାରୀ ଦୀର୍ଘ ଦିନରୁ ରାସନ ସାମଗ୍ରୀ ଉଠାଉଛନ୍ତି ସେମାନେ ଉଠାଉଥିବା ରାସନ ସାମାଗ୍ରୀର ସଂପୂର୍ଣ୍ଣ ମୂଲ୍ୟ ସହ ସେମାନଙ୍କଠାରୁ ଆର୍ଥିକ ଯୋରୀମାନା ଆଦାୟ କରିବାକୁ ସର୍ବସାଧାରଣରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି ହେଉଛି ।

# ଚର୍ଚ୍ଚାରେ କ୍ଷିତିଜ୍ୟୋତିଃ ଆଶ୍ରମ

### *ମକରମେଳାରେ ସାଷ୍ଟାଙ୍ଗ ପ୍ରଣାମ ଚିତ୍ର ପ୍ରଦର୍ଶନୀ*

ପାଟଣା ୨୫/୧ (ନି.ପ୍ର): ଘଟଗାଁ ବ୍ଲକର ବରାହଟିପୁରା ରେ ଚାଲିଥିବା ପ୍ରସିଦ୍ଧ ମକର ମେଳାରେ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଓ ଆଧାତ୍ମିକ ଉନ୍ନତି ନିମନ୍ତେ ସହଜ ସରଳ ଯୋଗାପଯୋଗୀ ଯୋଗ ପ୍ରଣାଳୀ ସାଷ୍ଟାଙ୍ଗ ପ୍ରଣାମର ଚିତ୍ର ପ୍ରଦର୍ଶନୀ କରି ପ୍ରଶଂସା ସାଉଣ୍ଟୁଛି ଘଟଗାଁର କ୍ଷିତିଜ୍ୟୋତି ଆଶ୍ରମ ।ସଦଗୁରୁ ଠାକୁର କେଶବ ଚନ୍ଦ୍ରଙ୍କ ଦ୍ୱାରା ପ୍ରଣୋଦିତ ଆଧାତ୍ମିକ ତଥା ବିଜ୍ଞାନ ସମ୍ମତ ଯୋଗ ପ୍ରକ୍ରିୟା ସାଷ୍ଟାଙ୍ଗ ପ୍ରଣାମ ଯେ କୌଣସି ବ୍ୟକ୍ତି ଯୋଗ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱଅବଧାନରେ ରହି ନିୟମିତ କରିବା ଦ୍ୱାରା ଶରୀରରେ ଥିବା ଷଦଚକ୍ର ଓ କୁଣ୍ଡଳିନୀ ଶକ୍ତିର ଜାଗରଣ ହେବା ସହିତ ଶାରୀରିକ ସହିତ ଓ ମାନସିକ ଦିବ୍ୟଶାନ୍ତି ପ୍ରଦାନ କରିଥାଏ । ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମର ଘଟଗାଁ କେନ୍ଦ୍ର ସଂଗଠକ ଚରମାନନ୍ଦ ଦାସଙ୍କ ନେତୃତ୍ୱରେ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ, ସମ୍ବଲପୁରର ଶୁଭାଶିଷ ପଟେଲ, ଗଣେଶ ସାଶନି, ନରେନ୍ଦ୍ର କୁମାର ସାହୁ, ଗୁରୁ ଚରଣ ମହାନ୍ତ, ଭଗବାନ ବେହେରା, ଭୀମସେନ ପାତ୍ର ଓ ସୁନୀଲ ବେହେରା ଶିବିର ପରିଚାଳନା କରୁଛନ୍ତି । ସୂଚନା ଥାଉକି ଏହି କ୍ଷିତିଜ୍ୟୋତିଃ ଆଶ୍ରମ ନିୟମିତ ଭାବରେ ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଜାଗ ଯଜ୍ଞର କାର୍ଯ୍ୟକ୍ରମ କରିବା ସହିତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ, ଦରିଦ୍ର ରୋଗୀମାନଙ୍କୁ ମାଗଣାରେ ଖାଦ୍ୟ ଓ ଔଷଧ ପ୍ରଦାନ, ଗରିବ ଲୋକଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ ଏବଂ ଦିବ୍ୟାଙ୍ଗ ମାନଙ୍କୁ ସହଯୋଗ ପ୍ରଦାନ କରି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

## ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ରେ ନେତାଜୀ ଜୟନ୍ତୀ ପାଳିତ

ବେଲଗୁଣ୍ଠା ୨୫/୧ (ନି.ପ୍ର): ବେଲଗୁଣ୍ଠା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ରେ ଅନୁଷ୍ଠାନ ର ସମ୍ପାଦକ ସୁଶାନ୍ତ କୁମାର ବେହେରା ଙ୍କ ସଭାପତିତ୍ୱ ରେ ନେତାଜୀ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଅବସରରେ ଉପସ୍ଥିତ ସମସ୍ତ ଗୁରୁଜୀ ଗୁରୁମା ନେତାଜୀ ଙ୍କ ବିରତ୍ୱ ବିଷୟ ଆଲୋଚନା କରି ତାଙ୍କରି ଆଦର୍ଶ ରେ ଅନୁପ୍ରାଣୀତ ହେବା ପାଇଁ ପରାମର୍ଶ ଦେଇଥିଲେ । ମନୁଷ୍ୟ ନିଜ ଜିବନ ରେ ସେବା ମନବୃତି ରଖି ସମସ୍ତ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ମତ ବ୍ୟକ୍ତ କରିଥିଲେ । ଅନୁଷ୍ଠାନ ର ସମସ୍ତ ଛାତ୍ର ଛାତ୍ରୀ ନେତାଜୀ ଜଣେ ଆଦର୍ଶ ଜନନାୟକ ବୋଲି ନିଜ ନିଜ ମତ ବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ର କିଛି ଛାତ୍ରୀ ନିଜ ରଚନା ର ଗୀତ ଗାନ କରିଥଲେ । ଅନୁଷ୍ଠାନ ର ସୁକାନ୍ତ ଗୁରୁଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନ ର ସହ ପ୍ରଧାନ ଅଚର୍ଯ୍ୟା ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ସମସ୍ତ କର୍ମକର୍ତ୍ତା ଙ୍କ ସହଯୋଗ ରେ ସମାପ୍ତି କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ନେତାଜୀ ଓ ବିରସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ

ଆଠମଲ୍ଲିକ ୨୫/୧ (ନି.ପ୍ର): ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଗୁରୁବାର ଦିନ ନେତାଜୀ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ସଭାପତି ଆଦିତ୍ୟ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନକରି କରିଥିଲେ । ବିଦ୍ୟାଳୟର ଆଚାର୍ଯ୍ୟ ରବିନ୍ଦ୍ର କୁମାର ଥାଟୀ ଅତିଥି ଙ୍କ ପରିଚୟ ପ୍ରଦାନ କରାଇ ଥିଲେ ।ପୁର୍ତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ବନ୍ଧୁ ମିଳନ ର ପର୍ବ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମାଧପୁର ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ନିଗମାନନ୍ଦ କଳପ ଯୋଗଦେଇଥିଲେ ।ବିଦ୍ୟାଳୟର ସଭାପତି ଆଦିତ୍ୟ କୁମାର ସାହୁ ଛାତ୍ର ଜୀବନର କର୍ତ୍ତବ୍ୟ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।ବିଦ୍ୟାଳୟର ଆଚାର୍ଯ୍ୟ ବବିତା ପାତ୍ର,ସୁଜିତ୍ କୁମାର ହୋତା, ଦୀପ୍ତିମୟୀ ମହାକୁଡ ଉପସ୍ଥିତ ଥିଲେ ।

## କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଙ୍କ ମହେଶ୍ୱର ସାହୁ ଙ୍କ ଧାନ ମଣ୍ଡି ପରିଦର୍ଶନ



ପାଟଣା ୨୫/୧ (ନି.ପ୍ର): ୨୪/୦୧/୨୦୨୫ କଳିଙ୍ଗ ଜ୍ୟୋତି : କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏରେଣ୍ଡେଇ ଧାନମଣ୍ଡୀ, ପାଟଣା ଧାନମଣ୍ଡୀ, ବାଉଁଶୁଳି ଧାନମଣ୍ଡୀ, ଚେମେଣା ଧାନମଣ୍ଡୀ ଓ ଯମୁନାପଶି ଧାନମଣ୍ଡୀ କୁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଧାନମଣ୍ଡୀ ପରିଦର୍ଶନ ସମୟ ରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କୁ ଉପସ୍ଥିତ ଚାଷୀ ମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ । ମୋହନ ଚରଣ ମାଝି ସରକାର ଓଡ଼ିଶା ରେ ଧାନ କିଣା କାରବାର ସୂଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଯୋଉ ମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ଯେଉଁ ଠାରେ ଧାନ କିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ମିଲର ମାନଙ୍କର ମନମାନି ଯୋଗୁ ୧୧ ଜଣ ମିଲ ମାଲିକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସଭାପତି ଶ୍ରୀ ସାହୁ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀଧର ସାହୁ, ପ୍ରାଣବନ୍ଧୁ ସାହୁ, ଦିଲ୍ଲୀପ କୁମାର ନାୟକ, କୃଷ୍ଣ ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ଶଶିଭୂଷଣ ମହାନ୍ତ, ବ୍ରଜବନ୍ଧୁ ସେଠୀ, ପ୍ରକାଶ କୁମାର ସେଠୀ, ଯୁଧିଷ୍ଠିର ମହାନ୍ତ, କେଶବ ଚନ୍ଦ୍ର ବାରିକ, ଖଗେଶ୍ୱର ମହାନ୍ତ, ପ୍ରଫୁଲ କୁମାର ମହାନ୍ତ, ଯତିନ୍ଦ୍ର କୁମାର ଦାଶ,ସୁଜିତ କୁମାର ଦାଶ, ହରିଶ୍ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଦୟାନିଧି ମହାନ୍ତ, ପ୍ରମୋଦ କୁମାର ବାରିକ, ବ୍ରଜବନ୍ଧୁ ସାହୁ, ସନ୍ଦିପନୀ ସାହୁ, ଲକ୍ଷ୍ମୀଧର ପତି, ସୁଦାମ ଚରଣ ସାହୁ, ନାରାୟଣ ମହାରଣା, ସହଦେବ ସାହୁ, ଶ୍ରୀମତୀ ସୋମବାରୀ ମୁଣ୍ଡା, ଶ୍ରୀମତୀ ସୁଚିତ୍ରା ମହାନ୍ତ ଙ୍କ ସହ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ମାହାଙ୍ଗା କଂଗ୍ରେସ ପାଳିବ ୭୬ତମ ସାଧାରଣତନ୍ତ୍ର ଦିବସ

ମାହାଙ୍ଗା/ନିଶ୍ଚିନ୍ତକୋଇଲି୨୫/୧ (ନି.ପ୍ର): ତା. ୨୬.୦୧.୨୦୨୫ ରିଖ ରବିବାର ସକାଳ ୮ ଘଟିକା ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ତରଫରୁ ୭୬ତମ ସାଧାରଣ ତନ୍ତ୍ର ଦିବସ ଓଳକଣାସ୍ଥିତ ମଣ୍ଡୁଅଠାରେ ପାଳନ କରାଯିବ । ପ୍ରତିବର୍ଷ ପରି ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ନିର୍ବାଚିତ ଜନପ୍ରତିନିଧି, କଂଗ୍ରେସ କର୍ମୀ ଓ କଂଗ୍ରେସ ପ୍ରେମୀ ଜନସାଧାରଣମାନେ ଉକ୍ତ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, କଂଗ୍ରେସ ଯୁବ ସଂଗଠକ ଉ□ମ କୁମାର ବେହେରା ଓ ମାହାଙ୍ଗା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ସାଇବର ଠକଙ୍କ ଭୂସ୍ୱର୍ଗ ଗଞ୍ଜାମ

ବ୍ରହ୍ମପୁର ୨୫/୧ (ନି.ପ୍ର): ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ନେଇଗଲେ ୧୩ ଲକ୍ଷ ବ୍ରହ୍ମପୁର,୨୪।୧ :ସାଇବର ଠକଙ୍କ ଭୂସ୍ୱର୍ଗ ପାଲଟିଛି ଗଞ୍ଜାମ। ଗତ ତିନି ସପ୍ତାହ ରେ ଲୁଟି ନେଇଗଲେଣି ପ୍ରାୟ କୋଟିଏ ଟଙ୍କା। ଅଦୃଶ୍ୟ ଗ୍ୟାଙ୍ଗ ଚୀନ , ହଂକଂ , ଦୁବାଇ ଓ ମଲେସିଆରେ ବସି ସେମାନେ ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଲୁଟ କରୁଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ ନାକେଦମ ହେଉଛି। ରାତାରାତି କୋଟିପତି ହେବା ଲୋଭ ହେଉ କିମ୍ବା ଡିଜିଟାଲ ଅରେଷ୍ଟ ଭୟ ଦେଖାଇ ଲୋକମାନଙ୍କୁ ସେମାନଙ୍କ ଜାଲରେ ଫସାଉଛନ୍ତି। ଏହିଧାରାରେ ଠକ ଗ୍ୟାଙ୍ଗ ବିଦେଶରୁ ଆସିଥିବା ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ବ୍ରହ୍ମପୁର ଖୋଡାସିଂ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ କେସ ନଂ ୯/୨୫ରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଖୋଡାସିଂ ଅଞ୍ଚଳରେ ରହୁଥିବା ଏହି ୪୨ ବର୍ଷୀୟ ଯୁବକ ଜଣଙ୍କ ଫେସବୁକ ଓ ୱାଟସଆପ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ୨୦୨୪ ଏପ୍ରିଲ ମାସରେ ତାଙ୍କ ଫେସବୁକ ଆକାଉଣ୍ଟରେ ଆଣ୍ଡ୍ରେସନ ସ୍କାଟି ନାମକ ଜଣେ ବିଦେଶୀ ମହିଳାଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଆସିଥିଲା । ତାହାକୁ ଗ୍ରହଣ(ଆସେପ୍ଟ) କରିବା ପରେ ବିଦେଶିନୀଙ୍କ ସହ ସେ ଫେସବୁକ ମେସେଞ୍ଜରରେ ଚାଟିଂ ଆରମ୍ଭ କରିଥିଲେ । କିଛି ଦିନ ପରେ ଉଭୟ ୱାଟସଆପ ନମ୍ବର ଆଦାନପ୍ରଦାନ କରି ଚାଟିଂ କରିବା ପରେ ବିଦେଶିନୀ ଜଣଙ୍କ କଲ କରିବା ଆରମ୍ଭ କରିଥିଲେ ।ସେହିକ୍ରମରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହେବାରେ ଲାଗିଥିଲା । ୨୦୨୪ ମେ ମାସରେ ବିଦେଶିନୀ ଜଣଙ୍କ ଭାରତକୁ ଆସି ଏଠାରେ ନର୍ସ ଭାବେ ମେଡିକାଲ ଗବେଷଣା କରିବେ ବୋଲି ବ୍ରହ୍ମପୁରର ଏହି ଯୁବକଙ୍କୁ କହିଥିଲେ । ଏହାର କିଛି ଦିନ ପରେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ମହିଳା ଜଣଙ୍କ ନିଜକୁ ନିନା ବୋଲି ପରିଚୟ ଦେବା ସହ ସେ ମୁମ୍ବାଇ ଏୟାରପୋର୍ଟର କଷ୍ଟମ ଅଧିକାରୀ ବୋଲି କହିଥିଲେ । ଆପଣଙ୍କ ବିଦେଶିନୀ ବନ୍ଧବୀ ଜଣଙ୍କ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିଛନ୍ତି ବୋଲି କହିବା ସହ ତାଙ୍କ ନିକଟରେ ଭାରତୀୟ ମୁଦ୍ରାରେ ୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ପାଉଣ୍ଡ ରହିଛି । ସେହି ବିଦେଶୀ ମୁଦ୍ରା ବିନିମୟ କରିବାକୁ ୫୦ ହଜାର ଟଙ୍କା ଜମା କରିବାକୁ ପଡିବ ବୋଲି ଜଣାଇଥିଲେ। ଅନ୍ୟପଟେ ବିଦେଶିନୀ ବାନ୍ଧବୀ ଜଣଙ୍କ ତାଙ୍କୁ ପୂର୍ବରୁ ଭାରତ ଆସିବା ନେଇ କହିଥିଲେ । ତେଣୁ ତାଙ୍କର ବିଶ୍ୱାସ ହୋଇଥିଲା। ସେହିକ୍ରମରେ ନିନା ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ସେ ପଠାଇଥିଲେ । ଏହାପରେ ସାଇବର ଠକମାନେ ନିଜକୁ ପୋଲିସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ବିନିମୟ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇ ବିଦେଶିନୀ ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ବ୍ରହ୍ମପୁର ବ୍ୟକ୍ତିଙ୍କୁ ବ୍ଲାକମେଲ କରିବା ସହ ଟଙ୍କା ଦାବି କରିଥିଲେ। ଏପରିକି ସାଇବର ଗ୍ୟାଙ୍ଗ ଯୁବକଙ୍କ ନିକଟକୁ ବିଭିନ୍ନ ନକଲି ଆରେଷ୍ଟ କାଗଜପତ୍ର ମଧ୍ୟ ପଠାଇଥିଲେ । ଟଙ୍କା ନଦେଲେ ବିଦେଶୀ ଆତଙ୍କାବାଦ ଲିଙ୍କ ଅଭିଯୋଗରେ ବିଦେଶୀ ବାନ୍ଧବୀ ଓ ଆପଣଙ୍କୁ ଗିରଫ କରାଯିବ ବୋଲି ମଧ୍ୟ ସେମାନେ ତାଙ୍କୁ ଭୟଭୀତ କରିଥିଲେ। ଅନ୍ୟ ଉପାୟ ନପାଇ ଯୁବକ ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ସାଇବର ଠକଙ୍କ ନିକଟକୁ ୧୩ ଲକ୍ଷ ୪୪ ହଜାର ୯୪୦ ଟଙ୍କା ପଠାଇ ଦେଇଥିଲେ । ଏହାପରେ ମଧ୍ୟ ଅଦୃଶ୍ୟ ଗ୍ୟାଙ୍ଗ ଅଧିକ ଟଙ୍କା ଦାବି କରିଥିଲେ। ଶେଷରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ୦ଅରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ବିଜେଡି ଏକ ଟିମ୍ ଝାଡାବାନ୍ତି ଅଞ୍ଚଳ ପରିଦର୍ଶନ



କଣାସ ୨୫/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକକୁ ବିଜେଡିର ଏକ ପ୍ରତିନିଧି ଦଳ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳ ନୂଆଗାଁ ଓ ନାଇକୂଳପାଟଣା ଗ୍ରସ୍ତ କରିଥିଲେ ।ସେଠାରେ ଝାଡାବାନ୍ତିରେ ମୃତ୍ୟୁ ବରଣ କରିଥିବା ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବୀ କରିଥିଲେ ।ପରେ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।ସେଠାରୁ ଆସି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସ୍ଥିତି ପରଖିବା ସହ ରୋଗୀ ଓ ଡ଼ାକ୍ତରଙ୍କ ସହିତ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଧାୟକ ଅରୁଣ କୁମାର ସାହୁ,ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ,ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ,ରମା ରଞ୍ଜନ ବଳିୟାରସିଂହ, କଣାସ ବ୍ଲକ୍ ଅଧକ୍ଷା ପ୍ରଭାତୀ ରାଉତ,ସତ୍ୟବାଦୀ ବ୍ଲକ୍ ଅଧକ୍ଷ ସୁନୀଲ କୁମାର ପଣ୍ଡା,ସୁଶିଲ କାନ୍ତ ରାଉତ,ବସନ୍ତ ଜେନା,ପ୍ରତାପ ପରିଡ଼ା ,ସୁରେଶ ସାହୁ ଓ ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।ସେପଟେ କଣାସ ବ୍ଲକର କେତକ ଗ୍ରାମରୁ ଶୁକ୍ରବାର ଦିନ ମଧ୍ୟ ଝାଡାବାନ୍ତି ରୋଗୀ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଜଣାପଡିଛି ।ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀ ବିଭିନ୍ନ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି ।ଏବେ ସୁଦ୍ଧା ସମ୍ପୂର୍ଣ ସ୍ଥିତିରେ ସୁଧାର ଆସିନଥିବା ଜଣାପଡିଛି ।ନଦୀ ଜଳ ବିଷ ବଳୟ ପାଲଟି ଥିବା ବେଳେ ଅନେକ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ କରି ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

## ଭାରତ ସ୍କାଉଟ ଓ ଗାଇଡ଼ ବିଦ୍ୟାର୍ଥୀଙ୍କ ଦୀକ୍ଷା ଗ୍ରହଣ ଉତ୍ସବ



ବେଲଗୁଣ୍ଠା ୨୫/୧ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରତ ସ୍କାଉଟ ଓ ଗାଇଡ଼ ଶାଖାର ନୂତନ ରୋଭର ଓ ରେଞ୍ଜର ବିଦ୍ୟାର୍ଥୀମାନଙ୍କ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭବେ ଯୋଗ ଦେଇ ଦୀକ୍ଷା ପ୍ରଦାନ କରିଥିଲେ। ରୋଭର ଲିଡର ପି ଦୀପକ ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମେ ପ୍ରାର୍ଥନା ଗୀତ ଗାନ କରାଯାଇଥିଲା। ସ୍କାଉଟ ପତାକା ଉତ୍ତୋଳନ ପରେ ଝଣ୍ଡା ଗୀତ ଗାନ କରାଯାଇଥିଲା। ରୋଭର ସୁଭ୍ରକାନ୍ତ ଗୁରୁ ପେରେଡ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ନୂତନ ରୋଭର ମାନଙ୍କୁ କ୍ୟାପ ଓ ସ୍କାର୍ପ ପିନ୍ଧାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ରେଞ୍ଜର ଲିଡର ଜୟଶ୍ରୀ ସେଠିଙ୍କ ତତ୍ତ୍ୱାବଧାନରେ ନୂତନ ରେଞ୍ଜର ମାନଙ୍କୁ କ୍ୟାପ ଓ ସ୍କାର୍ପ ପିନ୍ଧାଇବା ସହ ମିଷ୍ଟାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯଥାକ୍ରମେ ସୁଶାନ୍ତ କୁମାର ଲେଙ୍କା, ଦେବେଶ ଚନ୍ଦ୍ରମହାପାତ୍ର, ଦୀପୁ ଭୂୟାଁ, ତ୍ରିନାଥ ବେହେରା, ପ୍ରଦୀପ ଦିଗାଲ, ସୌମେନ୍ଦୁ ପଣ୍ଡା, ଗାଙ୍ଗୁଲି ପାଲଟାସିଂ, ପିଙ୍କି ପୋଲାଇ, ଯମୁନା ଖୁଣ୍ଟିଆ, ଶିବାନୀ ନାୟକ, ବଳରାମ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ନୂତନ ଦୀକ୍ଷା ଗ୍ରହଣକାରିଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲକ୍ ସ୍ତରୀୟ ମାଣ୍ଡିଆ ମଣ୍ଡିର ଶୁଭ ଉଦ୍ଘାଟନ



ତେନ୍ତୁଳିଖୁଣ୍ଟି ୨୫/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଗୌଡଗୁଡ଼ା ଠାରେ ଶ୍ରୀ ଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ଅଗ୍ରଗାମୀ ଅଫିସ ପ୍ରାଙ୍ଗଣରେ ବ୍ଲକ୍ ସ୍ତରୀୟ ମାଣ୍ଡିଆ ମଣ୍ଡି ର ଶୁଭ ଉଦ୍ଘାଟନ ହୋଇଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧକ୍ଷା ଶ୍ରୀମତୀ ନିଳେନ୍ଦ୍ରି ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସମ୍ମାନନୀୟ ଅତିଥି ଭାବରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମନୋଜ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ୍ ସଂଯୋଜକ ଶ୍ରୀ ନିଶାନ୍ତ କୁମାର ବିଷୋୟୀ ଏହାକୁ ପରିଚାଳନା କରିଥିଲେ । ସମସ୍ତ ଅତିଥି, ମାଣ୍ଡିଆ ଚାଷୀ, କୃଷି ବିଭାଗ, ଅଗ୍ରଗାମୀ ଏନଜିଓ ର କର୍ମକର୍ତ୍ତା ଙ୍କ ଉପସ୍ଥିତି ଥିଲେ । ଚଳିତ ବର୍ଷ ମାଣ୍ଡିଆ ର ସର୍ବାଧିକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୫୦୦/- ଟଙ୍କା ଧାର୍ଯ୍ୟ କରାଯାଇଛି ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ୍ କୁ ସର୍ବମୋଟ ୨୪୦୦ କ୍ୱିଣ୍ଟାଲ ମାଣ୍ଡିଆ କିଣା ର ଲକ୍ଷ୍ୟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ୍ ସଂଯୋଜକ ଶ୍ରୀ ବିଷୋୟୀ । ବ୍ଲକ୍ ରେ ବର୍ତ୍ତମାନ ୭୮୦ ଜଣ ଚାଷୀ ମଣ୍ଡି ପଞ୍ଜିକରଣ କରିସାରିଛନ୍ତି ଏବଂ ମଣ୍ଡି ପଞ୍ଜିକରଣ ର ଶେଷ ତାରିଖ ହେଉଛି ଚଳିତ ଜାନୁଆରୀ ୩୧ । ବ୍ଲକ୍ ର ସମସ୍ତ ଚାଷୀ ଙ୍କୁ ଉଚ୍ଚ ମାନର ମାଣ୍ଡିଆ ଆଣିବା ପାଇଁ ଉପଦେଶ ଦେଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କେମିତି ବ୍ଲକ୍ ରେ ମଣ୍ଡି ସୁରୁଖୁରୁରେ ଅନୁଷ୍ଠିତ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଗ୍ରଗାମୀ ସଂସ୍ଥା ର କର୍ମକର୍ତ୍ତା ଏବଂ ଶ୍ରୀ ଅନ୍ନ ଅଭିଯାନ ର ଷ୍ଟାଫ୍ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଗାମୀ ର ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା, ଟିଡିସିସି ର ମାର୍କେଟିଂ ମ୍ୟାନେଜର ପ୍ରକାଶ ଦାସ, କୃଷି ଓଭରସୀୟର ଧୀରେନ କୁମାର ବେନ୍ୟା, ବନ୍ଦିତା ମହାରଣା, ଅତିରିକ୍ତ ଜିଲ୍ଲା ସଂଯୋଜକ ସୁଜିତ୍ କୁମାର ପ୍ରଧାନ, ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ରୁ ଅଶ୍ୱିନୀ ନାୟକ, ହିମାଂଶୁ ଦଳେଇ, ସୋମାଇ ମାଝୀ ଏବଂ ଗୁଲା ଭୋଇ ଆଦି ପ୍ରମୁଖ ଭାବରେ ଉପସ୍ଥିତ ଥିଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ



ତେନ୍ତୁଳୀଖୁଣ୍ଟି, ୨୫/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୩୩୪ ଜଣ ଭିନ୍ନକ୍ଷମଙ୍କୁ ପଞ୍ଜିକରଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୬୦ ଜଣଙ୍କୁ ଭିନ୍ନକ୍ଷମ ପରିଚୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ୩ ଜଣ ଭିନ୍ନକ୍ଷମଙ୍କୁ ଅର୍ଥୋସିସ୍ , ୬ ଜଣ ଭିନ୍ନକ୍ଷମଙ୍କୁ ଆଶାବାଡି, ୬ ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ପେନସନ ୩୫ ଜଣଙ୍କୁ,୪ଜଣଙ୍କୁ ବାନିଶ୍ରୀ ଛାତ୍ରବୃତ୍ତି ଫର୍ମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ତେନ୍ତୁଳିଖୁଣ୍ଟି ଅଧକ୍ଷା ନିଁଳେନ୍ଦ୍ରି ନାୟକ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲ୍ଲାପାଳ ଡ଼ ଶୁଭଙ୍କର ମହାପାତ୍ର ଏହି ଶିବିର ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ବିଏସ ଏସ ଓ ରବୀନ୍ଦ୍ର ସାହୁ ଏହି ଶିବିର ପରିଚାଳନା କରିଥିବା ବେଳେ ପଂଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଚକ୍ଷୁ ବିଶେଷଜ୍ଞଙ୍କ ସମେତ ଅସ୍ଥିସଲ୍ୟ ବିଶେଷଜ୍ଞ, ନାସା ବିଶେଷଜ୍ଞ, ଗଳା ବିଶେଷଜ୍ଞ ଏବଂ କର୍ଣ୍ଣ ବିଶେଷଜ୍ଞ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତିନି ମାସ ଆଗରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଏହି ଶିବିର ସମ୍ପର୍କରେ ସୂଚନା ଦିଆଯାଇଥିଲା ,ଅଙ୍ଗନୱାଡ଼ି ଙ୍କ ଜରିଆରେ ଦିବ୍ୟାଙ୍ଗଙ୍କୁ ଅନ୍ ଲାଇନ୍ ରେଜିଷ୍ଟର କରିବାକୁ କହିବାକୁ ନିର୍ଦ୍ଦେଶ ସତ୍ତ୍ୱେ ଠିକ୍ ରୂପେ କାର୍ଯ୍ୟ ନିର୍ବାହ ହୋଇ ନ ଥିବାରୁ ବହୁ ଦିବ୍ୟାଙ୍ଗ ଶେଷ ସମୟ ରେ ଶିବିରକୁ ଯାଇ ଅନ୍ ଲାଇନ୍ ହୋଇନପାରି ବାରୁ ନିରାଶ ହୋଇ ଫେରିଥିବା ଦେଖା ଯାଇଥିଲା।

## ସେଲ୍ଫି ନେବା ବେଳେ ଟ୍ରେନ ରୁ ଖସି ମେଧାବୀ ଛାତ୍ରୀ ଙ୍କ ମୃତ୍ୟୁ

ପାଟଣା ୨୫/୧ (ନି.ପ୍ର): ୨୪/୦୧/୨୦୨୫ କଳିଙ୍ଗ ଜ୍ୟୋତି : ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗ୍ରାମର ବାସିନ୍ଦା ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ର ଅତୀତ ରେ କମ୍ପ୍ୟୁଟର ବିଜ୍ଞାନ ର ଟପର ହୋଇଥିବା ବିଜୟାନନ୍ଦ ବେହେରା ଙ୍କ ଝିଅ ନମ୍ରତା ବେହେରା(୨୧) ଆଜି ଟ୍ରେନ ରୁ ଖସି ମୃତ୍ୟୁ ବରଣ କରିଛନ୍ତି। ଖବର ରୁ ପ୍ରକାଶ ଯେ ଭୁବନେଶ୍ୱର ରେ ପିଜି କରୁଥିବା ନମ୍ରତା ଆଜି ପୁରୀ - ବଡ଼ବିଲ ଟ୍ରେନ ଯୋଗେ କେନ୍ଦୁଝର ଫେରୁଥିବା ବେଳେ ଶଗଡ଼ପଟା ନିକଟରେ ଟ୍ରେନ ଡୋର ନିକଟରେ ଠିଆ ହୋଇ ସେଲ୍ଫି ନେଉଥିବା ବେଳେ ଅସାବଧାନତା ବଶତଃ ଟ୍ରେନ ରୁ ଖସି ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ଉଭୟ ରେଳବାଇ ପୁଲିସ ଓ ହରିଚନ୍ଦନପୁର ପୁଲିସ ଘଟଣା ର ତଦନ୍ତ କରିବା ସହ ଘଟଣା ସ୍ଥଳରୁ ନମ୍ରତା ର ଶବ କୁ ଉଦ୍ଧାର କରାଯାଇଛି।

## ଜବାହର ନବୋଦୟ ବିଦ୍ୟାଳୟ ରେ ଝାଡ଼ା ବାନ୍ତି :୧୪୦ ଜଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କଲେ ସ୍ୱାସ୍ଥ୍ୟ ଟିମ

ତେନ୍ତୁଳିଖୁଣ୍ଟି ୨୫/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ରେ ଝାଡ଼ା ବାନ୍ତି ବ୍ୟାପିଥିବା ସୂଚନା ମିଳିଛି। ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ ବିଭାଗ ର ଏକ ଟିମ୍ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା ଶୁଭେନ୍ଦୁ ବାଗ ଓ ଅମରେଶ ମହାନ୍ତି ଙ୍କ ନେତୃତ୍ୱ ରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଦ୍ୟାଳୟ ରେ ପହଞ୍ଚି ୧୪୦ ଙ୍କ ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା। ପରେ ଦୁଇ ଜଣ ଅସ୍ୱାଭାବିକ ବୋଲି ଅଭିଯୋଗ କରିବାରୁ ସେହି ଦ୍ୱୟ ଙ୍କୁ ସାଲାଇନ ଦିଆଯାଉଛି। ସୂଚନା ଯୋଗ୍ୟ ଯେ ଗତ କାଲି ନଅ ଜଣ ଅନ୍ତେବାସୀ ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଝାଡ଼ା ବାନ୍ତି ପାଇଁ ଚିକିତ୍ସା ପାଇଁ ଯାଇଥିଲେ। ସେମାନେ ବିଦ୍ୟାଳୟ କୁ ଫେରି ଥିବା ବେଳେ କେଉଁ କାରଣ ପାଇଁ ଝାଡ଼ା ବାନ୍ତି ଅଭିଯୋଗ ଆସିଲା ଯାଞ୍ଚ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ର ଏକ ଟିମ୍ ଆସି ପରୀକ୍ଷଣ କରିଛନ୍ତି । ଡାକ୍ତର ସମାଲାଇ ପ୍ରସାଦ ପଣ୍ଡା କହିଛନ୍ତି ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପରେ ଝାଡାବାନ୍ତି ଅଭିଯୋଗ କୁ ଖଣ୍ଡନ କରିଛନ୍ତି। ବିଦ୍ୟାଳୟ ଅଧକ୍ଷ ରତ୍ନାକର ସାହୁ ମଧ୍ୟ ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା କହିଛନ୍ତି । ଚିନ୍ତା ର କୌଣସି କାରଣ ନ ଥିବା କହିଛନ୍ତି ।

# ଜାନୁମଘୁଟୁରେ ୬୭ତମ ଖାସଦେଶପୀଢ ମହୋତ୍ସବରେ ଯୋଗଦେଲେ ମନ୍ତ୍ରୀ ଓ ବିଧାୟକଗଣ



ମୟୂରଭଞ୍ଜ ୨୫/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା,କୁସୁମୀ ବ୍ଲକ ଅନ୍ତର୍ଗତ ଜୟପୁର ,ଜାନୁମଘୁଟୁ ନେତାଜୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଖାସଦେଶପୀଢ ମହୋତ୍ସବ ଦୁଇଦିନଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବ ରେ ଓଡିଶାର ମାନ୍ୟବର ଜଂଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶରାମ ସିଂ ଖୁଣ୍ଟିଆ,ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଜଲେନ ନାଏକ,ରାଇରଙ୍ଗପୁର, ମାନ୍ୟବର ବିଧାୟକ ଭାଦବ ହାଂସଦା, ସାରସକଣା, ମାନ୍ୟବର ବିଧାୟିକା ସୁଶ୍ରୀ ସଂଜଳୀ ମୁର୍ମୁ,ବାଙ୍ଗିରିପୋଷି ଓ ବିଜେପି ସଂପାଦକ ନବୀନ ରାମ ବରେଣ୍ୟ ଅତିଥି ଭାବରେ,ରୂପେ ଯୋଗଦେଇ ଦୁଇ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମଦିବସରେ ଭକ୍ତିଅର୍ଘ ନିବେଦନ କରିଥିଲେ ଓ କ୍ରୀଡାପ୍ରେମୀଙ୍କ ଓ ପ୍ରତିଯୋଗୀମାନଙ୍କୁ ନିଜ ନିଜ ଭାଷଣରେ ଉଦବୋଧନ ପ୍ରଦାନ କରିଥିଲେ ।ମଂଚକୁ ପରିଚାଳନା କରିଥିଲେ ଡକ୍ଟର ଦିଗମ୍ବର ଗିରି ।ଏହି ମହୋତ୍ସବକୁ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ର ମହାମିଳନ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ତାଙ୍କର ଜନ୍ମ ଦିବସର ଏହି ପୁଣ୍ୟତିଥିକୁ ଯୁବପୀଢ଼ୀଙ୍କୁ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥାଏ ବିଭିନ୍ନ କ୍ରୀଡାପ୍ରତିଯୋଗିତା ଓ ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତର ମହାସମାରୋହ। ଦୀର୍ଘ ଦିନରୁ ପାଳିତ ହୋଇଆସୁଥିବା ଏ କ୍ରୀଡାପ୍ରତିଯୋଗୀତା କେବଳ ନୁହେଁ ବରଂ ମୟୂରଭଞ୍ଜ ର ଗଣପର୍ବ ମକର ପରେ ପରେ ଏହି ମହୋତ୍ସବ ଏ ଅଂଚଳର ସବୁଠାରୁ ବଡ ପର୍ବ କୁହାଯାଇପାରିବ। ଏହି ମହୋତ୍ସବ ରେ ଅନୁଷ୍ଠିତ କ୍ରୀଡାପ୍ରତି ଅଂଶଗ୍ରହଣ କରିବାକୁ ବହୁ ଦୂର ଦୂରାନ୍ତର ପ୍ରତିଯୋଗୀମାନେ ଆସିଥାନ୍ତି। ଓଡିଶା ଏବଂ ଓଡିଶା ବାହାରର ବିଭିନ୍ନ ପ୍ରତିଯୋଗୀମାନେ ଏହି କ୍ରୀଡାପ୍ରିଯୋଗିତାରରେ ଅଂଶଗ୍ରହଣ କରିବାକୁ ଆସିଥାନ୍ତି ।ମାରାଥନ ଦୌଡ,ଆଦିବାସୀ ମାନଙ୍କ ପାରମ୍ପରିକ ଲାଖବିନ୍ଧା, ବାଳକ, ବାଳିକା ଦୌଡପ୍ରତିଯୋଗିତା,ଉଚ୍ଚଡିଆ, ଲମ୍ଫଡିଆଁ , ସାଇକେଲ ରେସ,ମହିଳା ମାନଙ୍କ ପାଣିକଳସ ସହ ଦୌଡ,ମହିଳା ମାନଙ୍କ ଲାଲକିଲ୍ଲା, ଫୁଟବଲଖେଳ ଆଦି ଅନୁଷ୍ଠିତ ହୋଇଥାଏ। ସଂଧ୍ୟାରେ ବିଭିନ୍ନ ପାରମ୍ପରିକ ଆଦିବାସୀ ନୃତ୍ୟର ଆସର ଜମେ। ବିଭିନ୍ନ ଅଂଚଳରୁ ପ୍ରାୟ ପଚିଶ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। କ୍ରୀଡାଶିକ୍ଷକ ଅଧିର କୁମାର ନନ୍ଦ ଓ ପୂର୍ବତନ ବିଧାୟକ, ସାରସକଣା ଖେଳକୁ ପରିଚାଳନା କରିଥିଲେ ।ଡାକ୍ତର ବୁଢାନ ମୁର୍ମୁ ଓ ନେତାଜୀ କ୍ଲବ ଜାନୁମଘାଟୁର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ପୁରାଣ୍ଡି ସାହିରେ ପାଣି ସମସ୍ୟାର ସମାଧାନ କେବେ ହେବ ?



ମୟୂରଭଞ୍ଜ ୨୫/୧ (ନି.ପ୍ର): ୨୪/୦୧/୨୦୨୫ କଳିଙ୍ଗ ଜ୍ୟୋତି : ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ପ୍ରତ୍ୟେକ ବ୍ଲକର କୋଣ ଅନୁକୋଣରେ ପାଣି ସମସ୍ୟା ଲାଗି ରହିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି, ଯାହାଦ୍ୱାରା ଜନସାଧାରଣ ଦୂଷିତ ପାଣି ପିଇ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ବିଭିନ୍ନ ରୋଗ ବ୍ୟାଧିରେ ପୀଡିତ ହେଉଛନ୍ତି। ଏଭଳି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ୍ୟ କିଛି ବି ସୁଫଳ ମିଳିନି। ପ୍ରଶାସନ କୌଣସି ପଦକ୍ଷେପ ନନେଇ ଚୁପ୍ ହୋଇ ବସିଛି। ଏହାର ସବୁଠୁ ବଡ ଉଦାହରଣ ହେଉଛି ଉକ୍ତ ଜିଲ୍ଲାର ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ଗ୍ରାମର ପୁରାଣ୍ଡି ସାହିରେ। ଉକ୍ତ ଅଞ୍ଚଳରେ ପୂର୍ବରୁ ପାଣିର ବ୍ୟବସ୍ଥା କିଛି ବି ନଥିଲା। ଯାହା ସମାଜ ସେବୀ ବିକାଶ ନାୟକ ଦ୍ୱାରା ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ଶେଷରେ ଏଠାରେ ପାଇପ ଲାଇନ ବ୍ୟବସ୍ଥା କରାଯାଇଛି।ବଡ଼ ଦୁଃଖ ଏବଂ ପରିତାପର ବିଷୟ ଜଳ ଯୋଗାଣ ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବ୍ୟୟରେ କିଛି ମାସ ପୂର୍ବରୁ ପାଇପ ଲାଇନ ବ୍ୟବସ୍ଥା କରାଯାଇଥିଲା ।କିନ୍ତୁ ସେଠାରେ ପାଇପ ସଂଯୋଗ କରି ଛାଡି ଦେଇଛନ୍ତି ।ହେଲେ ନା' ଆସୁଛି ପାଣି, ନା' ସାହି ବାସିନ୍ଦା ଏହାଦ୍ୱାରା ଉପକୃତ ହେଉଛନ୍ତି ।ଏହା ବ୍ୟତୀତ ନିଘୋଡ଼ ନିଦ୍ରାରେ ଶୋଇଯାଇଛି ବ୍ଲକ ପ୍ରଶାସନ ।ଯିଏ ଯେତେ କହିଲେ ବି କେହି ଶୁଣିବାକୁ ନାହାନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି ।ନଚେତ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ରେ ସାହି ବାସିନ୍ଦା ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ବାଲୁଗାଁ ରେଳ ଷ୍ଟେସନରେ ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ

ବାଲୁଗାଁ ୨୫/୧ (ନି.ପ୍ର): ବାଲୁଗାଁ ରେଳ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଖବର ହସ୍ତଗତ ହୋଇଛି। ସୂଚନା ମୁତାବକ ଶୁକ୍ରବାର ସକାଳେ ବାଲୁଗାଁ ରେଳ ଷ୍ଟେସନ ୨ ନମ୍ବର ପ୍ଲାଟଫର୍ମରେ ପ୍ରଶାନ୍ତି ଏକ୍ସପ୍ରେସ ଛାଡିବା ସମୟରେ ଜଣେ ଯୁବକ ଟ୍ରେନରୁ ଖସିପଡ଼ିଥିଲେ। ଫଳରେ ଯୁବକଙ୍କ ମସ୍ତିଷ୍କରେ ଶକ୍ତ ଆଘାତ ଲାଗିଥିଲା। ଯାହାଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ବାଣପୁର ଥାନା ରୋପଡା ଗ୍ରାମର ସତ୍ୟବାନ ସ୍ୱାଇଁ (୪୮)। ଏ ନେଇ ନିରାକାରପୁର ଜିଆରପି ଅଧିକାରୀ ପରୀକ୍ଷିତ ନାୟକ କେସ ନମ୍ବର ୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ରାଜ୍ୟ ପୁରସ୍କାର ପାଇଲେ ଶୈଳବାଳା କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ

କଟକ ୨୫/୧ (ନି.ପ୍ର): କଟକ ସ୍ଥିତ ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୋଗମାୟା ପଣ୍ଡା,ମନସ୍ତତ୍ୱ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅଧିକାରୀ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ରାଜ୍ୟ ପୁରସ୍କାର ପାଇଛନ୍ତି । ଶୈଳବାଳା ମହିଳା ସ୍ୱୟଂସାଶିତ ମହାବିଦ୍ୟାଳୟ କେମେଷ୍ଟ୍ରୀ ବିଭାଗର ଛାତ୍ରୀ ଜୟଶ୍ରୀ ସାହୁ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ପୁରସ୍କାର ମଧ୍ୟ ପାଇଛନ୍ତି । ଓଡ଼ିଆ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ଆନୁକୁଲ୍ୟ ରେ ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସରେ ଆୟୋଜିତ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ ସମ୍ମାନିତ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ଡକ୍ଟର ବିଚିତ୍ର ପାଣିବଂସ ସମେତ ଅଧ୍ୟାପିକା,ଅଧ୍ୟାପକ ମାନେ ସଫଳ କର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଯୋଗମାୟା ପଣ୍ଡା ଓ ସ୍ୱେଚ୍ଛାସେବୀ ଜୟଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ନେତାଜୀ ଯୁବକ ସଂଘ ପକ୍ଷରୁ ଗଣଦୌଡ଼ ଓ ବିଭିନ୍ନ ଖେଳ ସହ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ





ମୟୂରଭଞ୍ଜ ୨୫/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ନେତାଜୀ ଯୁବକ ସଂଘ ପକ୍ଷରୁ ତାଳଗାଁ ଗ୍ରାମପଞ୍ଚାୟତ ର ଭୁତପୂର୍ବ ସରପଞ୍ଚ ଲେଟ୍ ଡମ୍ବରୁଧର ମଣ୍ଡଳଙ୍କ ସ୍ମୃତିରେ ତାଙ୍କ ସୁପୁତ୍ର ଅମିତ କୁମାର ମଣ୍ଡଳଙ୍କ ସହଯୋଗରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି ।ସାନ ରୁପାଇ ମୁର୍ମୁ,ଜତନ କିସ୍କୁ,ଦିଲିକା ସିଂ,ବାବୁଲି ନାଏକ,ମୁକନ୍ଦ ବାନରା,ସୁନାରାମ ବାରି,ଆସମାନ ପୂର୍ତ୍ତୀ,ଲାଲସିଂ କାଲୁଣ୍ଡିଆ,ଚିରଞ୍ଜି ପୂର୍ତ୍ତୀ,ଘାସିରାମ ସିଦୁ ପ୍ରମୁଖ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।ନେତାଜୀ ଯୁବକ ସଂଘ କାଣ୍ଡସର ପଡ଼ିଆରୁ ଦୌଡ଼ ଆରମ୍ଭ ହୋଇ ଜାମଦା ବିଦ୍ୟୁତ ଗ୍ରୀଡ ପର୍ଯ୍ୟନ୍ତ ପୁଣି ଗ୍ରୀଡ୍ ନିକଟରୁ ପଡ଼ିଆ ଯାଏଁ ଉକ୍ତ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା ।ସଂଘର ଲକ୍ଷ୍ମଣ ଟୁଡୁ,ଦେବ କିଶୋର କାଳନ୍ଦୀ,ଟିଟୁ ବାବୁ,ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଗଣଦୌଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହାପରେ ୬୦ ତମ କ୍ରୀଡ଼ା ରେ ସାଇକେଲ୍ ରେସ୍,୨୦୦୦ମି ଦୌଡ଼,୮୦୦ମି ଦୌଡ଼,ସଟଫୁଟ ବୟସ୍କମାନଙ୍କର,୮ଶହ ମି ଦୌଡ଼,ମାଙ୍କିଡିଆ ଦୌଡ଼,ଲମ୍ଫଡ଼ିଆଁ ବାଳକମାନଙ୍କର,୧ଶହ ମିଟର ଦୌଡ଼,ବେଙ୍ଗଡ଼ିଆଁ ଛୋଟ ବାଳକମାନଙ୍କର,୮୦୦ମି ଦୌଡ ବାଳିକା ମାନଙ୍କର,୧୦୦ମି ଦୌଡ଼,ଡ୍ରଇଁ ପ୍ରତିଯୋଗିତା ଛୋଟ ବାଳିକାମାନଙ୍କର,ବାସ୍କେଟବଲ୍,ସ୍ଥାନ ଅଧିକାର,ଶଙ୍ଖଫୁଙ୍କା ମହିଳାମାନଙ୍କର ଅନୁଷ୍ଠିତ ହୋଇଥିଲା ।ସାନ୍ଧ୍ୟକାଳୀନ ଆଦିବାସୀ ସାଂସ୍କୃତିକ କାର୍ଯ୍ୟମାନ ଅନୁଷ୍ଠିତ ହୋଇଥିଲା ।ମାରାଥନ୍ ରେସ୍ ରେ ମୁକୁନ୍ଦ ବେହେରାଙ୍କୁ ୪ହଜାର ଟଂକା ପ୍ରଥମ ପୁରସ୍କାର,ଲାଲ ସିଂ କାଲୁଣ୍ଡିଆଙ୍କୁ ୩ହଜାର ଟଂକା ଦ୍ୱିତୀୟ ପୁରସ୍କାର,ଆସମାନ ପୂର୍ତ୍ତୀ ୧ହଜାର ଟଂକା ୩ୟ ପୁରସ୍କାର ଏବଂ ସମସ୍ତ ଖେଳ ଓ ନାଚର ବିଜୟୀ ପ୍ରତିଭାମାନ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥୀ ସମାଜସେବୀ ସୁବାଷ ମଣ୍ଡଳ,ୟୁଏସ୍ଆଇ ସଂଗଠନର ପ୍ରଶ୍ନ କୁମାର ଶତପଥୀ, ବିଶ୍ୱ ରଂଜନ ହେମ୍ବ୍ରମ,ରୋଇସେନ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ ।ମସ୍ତଫା ସାର୍ ମଂଚ ପରିଚାଳନା କରିଥିଲା ବେଳେ ଲକ୍ଷ୍ମଧର ପାତ୍ର,ସତ୍ୟ ପାତ୍ର,ଠାକୁର ଭାଇ,ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।



# ସମୃଦ୍ଧ ଓଡ଼ିଶା@୨୦୩୬
# ବିକାଶର ନୂଆ ପରିଭାଷା



## ଓଡ଼ିଆ ଅସ୍ମିତା

- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

## ମହିଳା ସଶକ୍ତୀକରଣ

- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

## ବିଦ୍ୟାଳୟ ଶିକ୍ଷା

- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

## ସୁଭଦ୍ରା



- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା
- ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

## କୃଷି ଓ କୃଷକ ସଶକ୍ତୀକରଣ

- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

## ଗ୍ରାମ୍ୟ ଉନ୍ନୟନ

- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିର୍ମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମିତ

## ଗୃହନିର୍ମାଣ ଓ ନଗର ଉନ୍ନୟନ



- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍
- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ

## ଜନଅଭିଯୋଗ ଶୁଣାଣି



ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ

## ପର୍ଯ୍ୟଟନ

- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

## ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ

- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭାବନା ସୃଷ୍ଟି

## ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି

- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

## ଜନଜାତି ବିକାଶ

- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

DADLS-93 OIPR-15001/13/0389/2425

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**







PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ